ଆସ ବୁଲିଯିବା ଖଣ୍ଡଗିରି





# ଭୁବନେଶ୍ୱର ସିଟି

## ଯାତ୍ରା ମହାକୁମ୍ଭ

# ଆରମ୍ଭରୁ ୪ ପେଣ୍ଡାଲରେ ଲଢ଼େଇ

ଭୁବନେଶ୍ୱର, ୨୭।୧ (ସମିସ): ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଆରମ୍ଭ ହୋଇଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ୧୫ଟି ବଛା ବଛା ଅପେରା ପାର୍ଟି ଏଥିରେ ସାମିଲ ହେବାକୁ ଥିବାବେଳେ ପ୍ରଥମ ସନ୍ଧ୍ୟାରୁ ୪ଟି ପାର୍ଟି ନାଟକ ପରିବେଷଣ ଆରମ୍ଭ କରିଛନ୍ତି। ଆଲୋକ ଓ ସଙ୍ଗୀତ ସହିତ ୪ ଅପେରା ମଧ୍ୟରେ ଆରମ୍ଭ ହୋଇଛି ଜୋର୍‌ଦାର



ଲଢ଼େଇ। ଆଗକୁ ଆହୁରି ଯାତ୍ରା ପାର୍ଟି ପଡ଼ିବାକୁ ଥିବାବେଳେ ସିଂହବାହିନୀ, କୋଣାର୍କ, ଅଶୋକ ସମ୍ରାଟ ଓ ଧଉଳି ଗଣନାଟ୍ୟ ନାଟକ ପରିବେଷଣ କରିଛନ୍ତି। ସବୁ ପାର୍ଟିର ଅତ୍ୟାଧୁନିକ ସାଜସଜ୍ଜା ସାଙ୍ଗକୁ ରେକର୍ଡ ଡ୍ୟାନ୍ସ ଦର୍ଶକଙ୍କୁ ମତୁଆଲା କରିଛି। ପ୍ରଥମ ସନ୍ଧ୍ୟାରୁ ସିଂହବାହିନୀର ପୀୟୁଷ ଓ କୋଣାର୍କର ଦେିତାରୀଙ୍କ ମଧ୍ୟରେ ଟକ୍କର ଆରମ୍ଭ ହୋଇଯାଇଛି।

ମଙ୍ଗଳବାର ରାତିରେ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି ଅପେରା ଅଶୋକ ସମ୍ରାଟର 'ଅଧା ରହିଗଲା ଆମ କାହାଣୀ' ନାଟକ। ମିଳନ ଓ ସାରାଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ମନୋଜଙ୍କ ଦମ୍‌ଦାର ଡାଇଲଗ ଦର୍ଶକଙ୍କ ମନକୁ ଛୁଇଁଥିଲା। ଗଣେଶ ଓ ନୃସିଂହଙ୍କ କମେଡି ଦର୍ଶକ ଦେଖିବାକୁ ପାଇଥିଲେ।

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଯାତ୍ରା ରାଣୀ ସିଂହବାହିନୀ ନାଟକ ପରିବେଷଣ ଆରମ୍ଭ କରିଛି। ଦୀପକ ଜେନାଙ୍କ ରଚିତ ଓ ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ତୁ ମୋ ବଜରଙ୍ଗୀ' ଭଳି ଚର୍ଚ୍ଚିତ ନାଟକକୁ ନେଇ ଖଣ୍ଡଗିରି ମଇଦାନକୁ ଓହ୍ଲାଇଛି। ଏହି ନାଟକରେ ପୀୟୁଷଙ୍କ ଅଭିନୟ ଦେଖିବାକୁ ସାରା ରାତି ଉଜାଗର ହୋଇଥିଲେ ଦର୍ଶକ। ଏଥିସହିତ ବବୁଲ-ପିଙ୍କିଙ୍କ ଦମଦାର ଯୋଡ଼ି ସାଙ୍ଗକୁ ଚଗନ, ଶଶି ଓ ଧଡିଆଙ୍କ କମେଡି ଦର୍ଶକଙ୍କ ମନ ମୋହିଥିଲା।

ସେହିପରି ସନାତନ ସେବା ସମିତି ମଞ୍ଚରେ କୋଣାର୍କ ଗଣନାଟ୍ୟ ନାଟକ ପରିବେଷଣ କରିଛି। 'ତୁ ମୋ ଭାଗ୍ୟରେ ନାହୁଁ' ନାଟକକୁ ନେଇ ଅନୁଷ୍ଠାନ ମଇଦାନକୁ ଓହ୍ଲାଇଛି। ନାୟକ ଜିତୁ ଓ ନାୟିକା ପୂଜାଙ୍କ ଅଭିନୟ ଅଭିନୟ ସାଙ୍ଗକୁ ଦୁର୍ଦ୍ଦାନ୍ତ ଖଳନାୟକ ଦେିତାରି ପଣ୍ଡାଙ୍କ ଜବରଦସ୍ତ ଡାଇଲଗ ଦେଖିବାକୁ ମିଳିଥିଲା। ସେହିପରି ଅନନ୍ତ କେଶରୀ ଦେବ ସାଂସ୍କୃତିକ ଯୁବ ପରିଷଦ ପେଣ୍ଡାଲରେ ଧଉଳି ଗଣନାଟ୍ୟ ଯାତ୍ରା ମଇଦାନରେ ଅବତୀର୍ଣ୍ଣ ହୋଇଛି। ଅନ୍ଧବିଶ୍ୱାସ ଉପରେ ଆଧାରିତ ନାଟକ 'ସବୁ ଅଙ୍କ ଭୁଲ୍ ହେଇଗଲା' ନାଟକ ସହିତ ଯାତ୍ରା ପ୍ରତିଯୋଗିତାରେ ସାମିଲ ହୋଇଛି। ଗୁଣିଗାରେଡ଼ି ଭଳି କୁପ୍ରଥା ସମାଜକୁ କିଭଳି ପ୍ରଭାବିତ କରୁଛି ଓ ନିରୀହ ଜୀବନ ନେଉଛି, ତାହା ଦେଖିବାକୁ ମିଳିଛି। ବେବିଙ୍କ ଅଭିନୟ ଦର୍ଶକଙ୍କ ଆଖିକୁ ଲୁହରେ ଭିଜାଇ ଥିବା ବେଳେ ମନ୍ଦାକିନୀଙ୍କ ରୋଲ୍ ଦର୍ଶକଙ୍କୁ ପ୍ରଭାବିତ କରିଛି। ଖଳନାୟକ ଲକ୍ଷ୍ମୀଧରଙ୍କ ଡାଇଲଗ୍ ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଛି।

ପୁଲିସ ପକ୍ଷରୁ କୁହାଯାଇଛି। ଦର୍ଶକଙ୍କ ସୁବିଧା ପାଇଁ ଏଭଳି କରାଯାଇଥିବା ପୁଲିସ କହିଛି। ଦୀର୍ଘବର୍ଷ ଧରି ଅଢେଇ ହଜାର ଦର୍ଶକ ବସୁଥିବା ବେଳେ ହଠାତ୍ ସଂଖ୍ୟା କମାଇବାକୁ ନେଇ ଦର୍ଶକଙ୍କ ଠାରୁ ଆରମ୍ଭ କରି ଯାତ୍ରା କମିଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସିଟ୍ ସଂଖ୍ୟା କମିଥିବାରୁ ଦର୍ଶକମାନେ ଟିକଟ୍ କାଉଣ୍ଟରରୁ ଫେରି ଯାଉଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଟିକଟ ବ୍ଲାକ୍ ହେବାର ସମ୍ଭାବନା ରହିଛି ବୋଲି ଯାତ୍ରା କମିଟିମାନେ କହିଛନ୍ତି। ସିଟ୍ ସଂଖ୍ୟା କମିବାରୁ ଦୁଇ ଶହ ଟଙ୍କିଆ ଟିକଟକୁ ଦର୍ଶକମାନେ ହଜାରେ ଟଙ୍କା ଦେଇ କିଣୁଥିବା ଦେଖିବାକୁ ମିଳିଛି।

### ରାତି ଅଧରୁ ଟିକଟ ପାଇଁ ଭିଡ଼

ଇନ୍ଦିରା ସାଂସ୍କୃତିକ ପେଣ୍ଡାଲରେ ଯାତ୍ରା ରାଣୀ ସିଂହବାହିନୀ ଖଣ୍ଡଗିରି ମଇଦାନରେ ପାଦ ରଖିଛି। ପ୍ରଥମ ରଜନୀରେ 'ତୁ ମୋ ବଜରଙ୍ଗୀ' ନାଟକ ହାଉସଫୁଲ ଯାଇଛି। ମଙ୍ଗଳବାର ଭୋରରୁ ନାଟକ ପ୍ରେମୀଙ୍କ ଭିତରେ ଅଲଗା ପ୍ରକାରର ଉତ୍ସାହ ଦେଖିବାକୁ ମିଳିଛି। ପୀୟୁଷ ତ୍ରିପାଠୀଙ୍କ ଅଭିନୟ ଦେଖିବାକୁ ରାତି ଅଧରୁ ଟିକଟ କାଉଣ୍ଟର ଆଗରେ ଭିଡ଼ ଦେଖିବାକୁ ମିଳିଛି। ଦୀର୍ଘ ୫ ଘଣ୍ଟା



ଅପେକ୍ଷା କରିବା ପରେ ଖୋଲିଥିଲା ଟିକେଟ କାଉଣ୍ଟର। ସକାଳ ୮ଟାରୁ ଟିକଟ କାଉଣ୍ଟର ଖୋଲିଥିଲା। ଟିକଟ କାଉଣ୍ଟରରେ ମହିଳାଙ୍କ ଲାଗି ସ୍ୱତନ୍ତ୍ର କାଉଣ୍ଟର କରାଯାଇଥିଲା। କାଉଣ୍ଟର ଆଗରେ ମହିଳାଙ୍କ ଲମ୍ବା ଧାଡ଼ି ମଧ୍ୟ ଦେଖିବାକୁ ମିଳିଥିଲା। ଆଉ ମାତ୍ର କେଇ ଘଣ୍ଟାରେ ଟିକେଟ ବୋହି ନେଇଥିଲେ ଯାତ୍ରା ପ୍ରେମୀ। ଏହାପରେ ବି ଅନେକ ଯାତ୍ରା ପ୍ରେମୀଙ୍କୁ ନିରାଶ ହୋଇ ଫେରିଯିବାକୁ ପଡ଼ିଛି। ଅନେକ ଯାତ୍ରା ପ୍ରେମୀ ଘଣ୍ଟା ଘଣ୍ଟା ଛିଡ଼ା ହେବା ପରେ ନିରାଶ ହୋଇ ଫେରିଥିଲେ।

### ସିଟ୍ ସଂଖ୍ୟା ୭୦୦ କମିଲା

ପ୍ରତିବର୍ଷ ପେଣ୍ଡାଲମାନଙ୍କୁ ସର୍ବାଧିକ ୨୫ଶହ ଦର୍ଶକ ବସାଇବାକୁ ପୁଲିସ ପକ୍ଷରୁ ଅନୁମତି ଦିଆଯାଉଥିବା ବେଳେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାତ୍ରା କମିଟି ମାନେ ୧୮ଶହ ଦର୍ଶକ ବସିବା ଭଳି ବ୍ୟବସ୍ଥା କରିବାକୁ ଅନୁମତି ପ୍ରଦାନ କରାଯାଇଛି। ପ୍ରତ୍ୟେକ ଚେୟାର ବା ଦର୍ଶକଙ୍କ ପାଇଁ ଅନୁନ ୪ଫୁଟ୍ ଯାଗା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଅର୍ବାନ ପୁଲିସ ଆକ୍ଟ ଅନୁସାରେ ଏପରି ନିୟମ କରାଯାଇଥିବା

### ଆଜିର କାହାଣୀ

ଅନନ୍ତ କେଶରୀ ଦେବ ସାଂସ୍କୃତିକ ପରିଷଦ ମଞ୍ଚରେ ଧଉଳି ଗଣନାଟ୍ୟର 'ସବୁ ଅଙ୍କ ଭୁଲ୍ ହେଇଗଲା' ନାଟକ ମଞ୍ଚସ୍ଥ କରୁଛି। ଦୀପକ ଜେନାଙ୍କ ରଚିତ ଓ ମହେଶ ହାଜରାଙ୍କ ନିର୍ଦ୍ଦେଶିତ ଏହି ବହିରେ ଗୁଣିଗାରେଡ଼ି ପ୍ରଥା କିଭଳି ଆମ ସମାଜକୁ କବଳିତ କରିଛି ତାହା ଦେଖିବାକୁ ମିଳିଛି। ଅଭିନେତ୍ରୀ ବେବି ମଣ୍ଡଳ, ମନ୍ଦାକିନୀ, ଅଭିନେତା ଆକାଶ ଓ ଲକ୍ଷ୍ମୀଧରଙ୍କୁ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି। ଖଳନାୟକ ଲକ୍ଷ୍ମୀଧର ଠାକୁରଙ୍କ ନାମରେ ଏକ ମନ୍ଦିର କରିବା ସହ ପୂଜାର୍ଚ୍ଚନା କରୁଛି। ସେହି ମନ୍ଦିରକୁ ଆସୁଥିବା ଝିଅମାନଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇବା ସହ ବ୍ଲାକମେଲ୍ କରି ନିଜର ଯୌନ କ୍ଷୁଧା ମେଣ୍ଟାଉଛି। ଯିଏ ତା' ଫାଶରେ ପଡୁନାହିଁ, ତାକୁ ଲକ୍ଷ୍ମୀଧର ଡାହାଣୀ ସଜାଇ ଅତ୍ୟାଚାର କରୁଛି। ସାଧାରଣ ଘରର ଝିଅ ବେବି ଦିନେ ସେହି ଘରକୁ ବୋହୁ ହେଇ ଆସୁଛି। ତାକୁ ଦେଖି ଯୌନ ପିପାସୁ ଲକ୍ଷ୍ମୀଧର ତା' ଉପରେ ନଜର ପକାଉଛି। ହେଲେ ବେବି ସହମତ ନ ହେବାରୁ ଲକ୍ଷ୍ମୀଧର ପ୍ରତିଶୋଧ ପରାୟଣ ହୋଇ ଉଠୁଛି। ଗୁଣିଗାରେଡ଼ି ଭଳି କୁପ୍ରଥା ନାଁରେ ବେବିଙ୍କୁ ଡାହାଣୀ ସଜାଇ ଦେଉଛି। ଲକ୍ଷ୍ମୀଧର ନିଜ ସ୍ୱାର୍ଥ ସାଧନ ପାଇଁ ଅନ୍ଧବିଶ୍ୱାସ ଅଳିନ୍ଦରେ ବେବିଙ୍କୁ ଅତ୍ୟାଚାର କରୁଛି। ମିଛି ମିଛିକା ଡାହାଣୀ ବୋଲି ପ୍ରମାଣ କରି ଖୁବ ମାଡ ମାରୁଛନ୍ତି। ମଇଳା ଖୁଆଇବା ସହ ଗାଁରୁ ବାହାର କରି ଦେଉଛନ୍ତି। ହେଲେ ସମୟକ୍ରମେ ଏହି ଅନ୍ଧବିଶ୍ୱାସରୁ ପରଦା ହଟୁଛି। ସମାଜସେବୀ ଭୂମିକାରେ ଅଭିନୟ କରୁଥିବା ମନ୍ଦାକିନୀ ଆଗକୁ ଆସି ଲକ୍ଷ୍ମୀଧରଙ୍କ ମୁଖା ଖୋଲି ଦେଉଛନ୍ତି। ଗୁଣିଗାରେଡ଼ି ଭଳି କୁପ୍ରଥା ବିଷୟରେ ସଚେତନତା ସୃଷ୍ଟି କରିବା ସହ ଡାହାଣୀ ଆଖ୍ୟା ପାଇଥିବା ବେବିଙ୍କ ଛବିରେ ସୁଧାର ଆଣିଛନ୍ତି। ତଥ୍ୟ ପ୍ରମାଣ ସହ ବେବିଙ୍କ ବିରୋଧରେ ହୋଇଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରି ଲକ୍ଷ୍ମୀଧରକୁ ପୁଲିସ ଦ୍ୱାରା ଗିରଫ କରାଉଛନ୍ତି। ଶେଷରେ ଲକ୍ଷ୍ମୀଧର କହୁଛନ୍ତି, ଯେତେଦିନ ପର୍ଯ୍ୟନ୍ତ ସାଧାରଣ ଲୋକ ସଚେତନ ହୋଇନାହାନ୍ତି। ସେତେଦିନ ପର୍ଯ୍ୟନ୍ତ ମୋ ଭଳି ବାବାମାନେ ଗୁଣିଗାରେଡ଼ି ଆଳରେ ଅତ୍ୟାଚାର କରୁଥିବେ।

## 'ଯାତ୍ରାରେ ଶିକ୍ଷିତ ଦର୍ଶକଙ୍କ ସଂଖ୍ୟା କମିଛି'

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଖଳନାୟକ ମନୋଜ ବରାଳଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର**



**ଆପଣ ଯାତ୍ରା ଜଗତକୁ କେତେଦିନ ଓ କିପରି ଆସିଲେ?**

ଉ -ମୁଁ ପୂର୍ବରୁ ଥିଏଟର୍ ଓ ସିରିଏଲ୍ କରୁଥିଲେ ମଧ୍ୟ ପିଲାବେଳୁ ଯାତ୍ରାରେ ଅଭିନୟ କରିବାକୁ ଇଚ୍ଛା ଥିଲା। ହେଲେ ସୁଯୋଗ ମିଳୁ ନଥିଲା। ପରବର୍ତ୍ତୀ ସମୟରେ ଜଣେ ସମ୍ପର୍କୀୟ ଦାଦାଙ୍କ ମାଧ୍ୟମରେ ଯାତ୍ରାକୁ ଆସିବାକୁ ଆସିବାର ସୁଯୋଗ ମିଳିଲା। ୭ ବର୍ଷ ହେବ ଯାତ୍ରା ଦୁନିଆକୁ ଆସିଛି।

**କେତେ ବର୍ଷ ହେବ ଖଣ୍ଡଗିରି ଯାତ୍ରାକୁ ଆସୁଛନ୍ତି ଓ ଖଣ୍ଡଗିରି ଯାତ୍ରାକୁ ନେଇ ଆପଣଙ୍କ ମତ କ'ଣ?**

ଉ - ମୋ ୭ ବର୍ଷର ଯାତ୍ରା କ୍ୟାରିୟର ମଧ୍ୟରେ ୩ଟି ପାର୍ଟିରେ କାମ କରିଛି। ଆଉ ୩ଥର ଖଣ୍ଡଗିରି ଭଳି ଅଘୋଷିତ ଯାତ୍ରା ପ୍ରତିଯୋଗିତାରେ କାମ କରିବାକୁ ସୁଯୋଗ ପାଇଛି। ବର୍ଷ ତମାମ ବିଭିନ୍ନ ସ୍ଥାନରେ ହେଉଥିବା ଯାତ୍ରା ଯଦି ଦିନିକିଆ ହୁଏ, ଖଣ୍ଡଗିରି ଯାତ୍ରା ହେଉଛି ବିଶ୍ୱକପ୍।

**ଆପଣ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ଯାତ୍ରାକୁ କାହିଁକି ପେଶା ଭାବେ ବାଛିଲେ? ପାରିବାରିକ ଜୀବନରେ କ'ଣ ପ୍ରଭାବ ପଡ଼ିଲା?**

ଉ - ମୁଁ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଜି ଓ ପରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ଲ' କରିଥିଲି। ମୋର ଅଭିନୟରେ ରୁଚି ଥିବାରୁ ଥିଏଟରରେ କାମ କରିବାକୁ ବାଧ କରିଥିଲା। ହେଲେ ନାଟକ ପ୍ରତି ଅହେତୁକ ଦୁର୍ବଳତା ମୋତେ ଯାତ୍ରା ଜଗତକୁ ଆସିବାକୁ ବାଧ କରିଥିଲା। ପାଠପଢ଼ି ମଧ୍ୟ ଯାତ୍ରାକୁ ଆସିଥିବାରୁ ଆରମ୍ଭରୁ ବାପାମାଆ ରାଗିଥିଲେ। ଛୋଟମୋଟ ଅଳି ଅଭିମାନକୁ ଛାଡ଼ିଦେଲେ ଆଉ ସେପରି କୌଣସି ପ୍ରଭାବ ପରିବାରରେ ପଡ଼ିନାହିଁ।

**ଅଶ୍ଳୀଳ ନୃତ୍ୟ ବିନା କଣ ନାଟକ ପରିବେଷଣ ହୋଇପାରିବ ନାହିଁ?**

ଉ - ଯାତ୍ରାରେ ମନୋରଞ୍ଜନ ପାଇଁ ରେକର୍ଡ ଡ୍ୟାନ୍ସ ରହିଛି। ସେସବୁ ମଧ୍ୟରେ ଶାଳୀନତା ଭିତରେ ହେବା ଦରକାର। ପୂର୍ବରୁ ମଧ୍ୟ ବିନା ଅଶ୍ଳୀଳ ନୃତ୍ୟରେ ନାଟକ ହେଉଥିଲା ଆଉ ଏବେ ମଧ୍ୟ ହୋଇପାରିବ। ଅନ୍ୟମାନେ କେହି ମୁହଁ ଖୋଲିବା ପୂର୍ବରୁ ୪ ବର୍ଷ ପୂର୍ବେ ଆମେ କିଛି କଳାକାର ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ବିରୋଧ କରିଥିଲୁ। ହେଲେ ସେତେବେଳେ କିଛି ପ୍ରଭାବ ପଡ଼ି ନ ଥିଲା। ଏବେ ଛତିଶଗଡ଼ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପରେ ରାଜ୍ୟ ସରକାର ଚେଇଁ ଉଠିଲେ। ଫଳରେ ଅଶ୍ଳୀଳ ନୃତ୍ୟକୁ ବ୍ୟାନ୍ ହୋଇଛି।

**ଯାତ୍ରାରେ କ'ଣ ପରିବର୍ତ୍ତନ ହୋଇଛି ଓ କ'ଣ ଆବଶ୍ୟକ?**

ଉ - ପୂର୍ବରୁ ଯାତ୍ରା ଜଗତରେ ଯାହା ଘଟୁଥିଲା, ତାହା ନିର୍ଦ୍ଦିଷ୍ଟ ପରିଧିରେ ସୀମିତ ରହୁଥିଲା। ସୋସିଆଲ ମିଡିଆ ବହୁଳ ବ୍ୟବହାର ଯୋଗୁଁ ଏଇ ୨/୩ ବର୍ଷ ହେବ ଛୋଟମୋଟ ଘଟଣା ହେଲେ ମଧ୍ୟ ତାହା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ପୂର୍ବ ଅପେକ୍ଷା ଯାତ୍ରାର କ୍ରେଜ୍ ଓ ଦର୍ଶକଙ୍କ ସଂଖ୍ୟା ଢେର୍ ବଢ଼ିଛି। ହେଲେ ଶିକ୍ଷିତ ଦର୍ଶକଙ୍କ ସଂଖ୍ୟା କମିଛି। ଅଶ୍ଳୀଳତା ଯୋଗୁଁ ଲୋକମାନେ ପରିବାର ଧରି ନାଟକ ଦେଖିବାକୁ ଆସୁନାହାନ୍ତି। ତେଣୁ ସମୟ ଆସିଛି, ଆମେ ନାଟକକୁ ଆହୁରି ଗୁରୁତ୍ୱ ଦେବାକୁ ପଡ଼ିବ। ବିନା କୌଣସି ଅଶ୍ଳୀଳତାରେ ସପରିବାର କିପରି ନାଟକ ଦେଖିବେ, ସେନେଇ ଚିନ୍ତା କରିବାକୁ ହେବ।

**ଯାତ୍ରାକୁ ଅଶ୍ଳୀଳତା ଆସିବାର କାରଣ କଣ?**

ଉ - ନାମୀଦାମୀ କଳାକାରଙ୍କ ଯୋଗୁଁ ଲୋକମାନେ ନାଟକ ଦେଖୁଛନ୍ତି ଓ ବଡ଼ ପାର୍ଟିଗୁଡ଼ିକ ଭଲ ବ୍ୟବସାୟ କରୁଛନ୍ତି। ହେଲେ ଛୋଟ ଅନୁଷ୍ଠାନ ଗୁଡ଼ିକ ଭଲ ବ୍ୟବସାୟ ଦେଇ ପାରୁନାହିଁ। ଫଳରେ ଯାତ୍ରା କମିଟିମାନେ ଅଶ୍ଳୀଳତାକୁ ପ୍ରଶୟ ଦେଲେ। ଏହି ପକ୍ରିୟା ଧୀରେ ଧୀରେ ଯାତ୍ରା ଜଗତରେ ଅଶ୍ଳୀଳତା ଭରିଦେଲା।

**ଏବେ ଯାତ୍ରାକୁ ନୂଆ କଳାକାରମାନେ ଆସୁଛନ୍ତି କି ଓ ନବାଗତାଙ୍କ ବାଟରେ ବରିଷ୍ଠ କଳାକାରମାନେ କଣ୍ଟା କି?**

ଉ - ହଁ ଆଜିକା ଯୁବପିଢ଼ିଙ୍କ ମଧ୍ୟରେ ନାଟକରେ ଅଭିନୟ କରିବା ଇଚ୍ଛାଶକ୍ତି ରହିଛି। ପୂର୍ବାପେକ୍ଷା ଅନେକ ନୂଆ କଳାକାର ଯାତ୍ରାକୁ ଆସୁଛନ୍ତି ଆଉ ମାଲିକମାନେ ମଧ୍ୟ ସେମାନଙ୍କୁ ଗ୍ରହଣ କରୁଛନ୍ତି। ଯେମିତି ଆମ ଘରେ ବାପାମାଆ କିମ୍ବା ଗୁରୁଜନମାନେ ଆମକୁ ଉପଦେଶ ଦିଅନ୍ତି। ସେହିଭଳି ଯାତ୍ରା ଜଗତରେ ମଧ୍ୟ ବରିଷ୍ଠମାନେ ଆମକୁ ଆକଟ କରନ୍ତି। କେଉଁଟା ଠିକ୍ କେଉଁଟା ଭୁଲ୍ ବୁଝାନ୍ତି। ଏସବୁ କାହାକୁ ଭଲ ଲାଗିପାରେ କାହାରିକୁ ଖରାପ ମଧ୍ୟ ଲାଗିପାରେ। କିନ୍ତୁ ମୋ ମତରେ, ଆମେ ସେସବୁକୁ ସକରାତ୍ମକ ଭାବେ ଗ୍ରହଣ କରିବାର ଆବଶ୍ୟକତା ରହିଛି। ବରିଷ୍ଠ କଳାକାରମାନେ ଦେଉଥିବା ଉପଦେଶ ଆମମାନଙ୍କ କାମରେ ଆସିବ ଓ ଆଗକୁ ଯିବାରେ ସହାୟକ ହେବ।

**କେଉଁ କାରଣରୁ କଳାକାର ପ୍ରସିଦ୍ଧି ଲାଭ କରୁଛନ୍ତି? ନିଜ ଅଭିନୟ ପାଇଁ ନା ନାଟକ ପାଇଁ?**

ଉ - ଜଣେ କଳାକାର ନାମ କମାଇବା ପଛରେ ଲେଖକ ଓ ନିର୍ଦ୍ଦେଶକଙ୍କ ସିଂହ ଭାଗ ଭୂମିକା ରହିଛି। ଲେଖକଙ୍କ ଲେଖା ଅନୁସାରେ ନିର୍ଦ୍ଦେଶକ ନିର୍ଦ୍ଦେଶନା ଦେଇଥାନ୍ତି। ସେହି ଅନୁଯାୟୀ ଜଣେ କଳାକାର ଅଭିନୟ କରେ। କଳାକାରଟିଏ ଅଭିନୟ କରୁଥିଲେ ମଧ୍ୟ ନାଟକର ବିଷୟବସ୍ତୁ ଓ ନିର୍ଦ୍ଦେଶନା ଗୁରୁତ୍ୱ ବହନ କରେ। ଯଦି କଳାକାର ଯୋଗୁଁ ନାଟକ ହିଟ୍ ହେଉଥାନ୍ତା, ତେବେ ସବୁ ବହି ଭଲ ବ୍ୟବସାୟ କରନ୍ତା। ଗୋଟିଏ ନାଟକ କାହିଁକି ହିଟ୍ ହେଉଛି। ତେଣୁ ମୋ ମତରେ ଲେଖକ ଓ ନିର୍ଦ୍ଦେଶକଙ୍କ ପାଇଁ ଆମେମାନେ ଦର୍ଶକଙ୍କ ପ୍ରିୟଭାଜନ ହୋଇପାରୁଛୁ।

# ଜମୁଛି ଖଣ୍ଡଗିରି ମେଳା; ସାଧୁସନ୍ଥଙ୍କ ପାଖରେ ଭିଡ଼

ଭୁବନେଶ୍ୱର, ୨୭।୧(ସମିସ): ଖଣ୍ଡଗିରି ମେଳା ତୃତୀୟ ଦିନରେ ପହଞ୍ଚିଛି। ଦିନ ସହ ଭିଡ ମଧ୍ୟ ବଢ଼ି ବଢ଼ି ଯାଉଛି। ବିଭିନ୍ନ ସ୍ଥାନରୁ ଲୋକଙ୍କ ସମାଗମ ଦେଖିବାକୁ ମିଳୁଛି। ଯାତ୍ରାର ଆଜି ପ୍ରଥମ ଦିନ ଥିବାରୁ ମେଳାରେ ବିଭିନ୍ନ ଷ୍ଟଲ ଲୋକଙ୍କୁ ଆକର୍ଷିତ କରୁଛି। ସେହିପରି ପାଦଦେଶରେ ଆସ୍ଥାନ ମେଲାଇଥିବା ସାଧୁସନ୍ଥଙ୍କ ପାଖରେ ମଧ୍ୟ ଦୂରଦୂରାନ୍ତରରୁ ଲୋକ ଆସି ଗହଳି କରୁଛନ୍ତି। ସେଠାକୁ ଆସିଥିବା ନିଆରା ବାବାମାନଙ୍କ ପାଖରେ ବି କିଛି କମ ଭିଡ ରହୁନି। ସେଠାକୁ ଯାଇ କିଏ ନିଜ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସୁଛି ତ କିଏ ପରୀକ୍ଷା ଏବଂ ଅର୍ଥ ସମସ୍ୟା କଥା ପଚାରି ବୁଝୁଛି। ଖାଇବାଠୁ ଆରମ୍ଭ କରି କିଣାକିଣି ମଧ୍ୟ ତାସାଙ୍ଗକୁ ଜମୁଛି। ସନ୍ଧ୍ୟା ହେଲା କ୍ଷଣି ରାଜଧାନୀବାସୀଙ୍କ ଠିକଣା ପାଲଟୁଛି ଖଣ୍ଡଗିରି ମେଳା।

### ବିଦେଶୀ କହିଲେ ହର୍ ହର୍ ମହାଦେବ

ଖଣ୍ଡଗିରି ମେଳାରେ ବିଦେଶୀ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଛି। ଜର୍ମାନ, ସ୍ୱିଜରଲ୍ୟାଣ୍ଡ ଭଳି ଦେଶରୁ ୧୦ରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ମେଳାକୁ ଆସିଥିଲେ। ଏହାସହ ସେଠାରେ ଥିବା ସାଧୁସନ୍ଥଙ୍କ ପାଖରେ ବସି କିଛି ସମୟ ଭଜନ କୀର୍ତ୍ତନ ମଧ୍ୟ କରିଥିଲେ। ପରେ ପରେ ସେମାନେ 'ହର ହର ମହାଦେବ' ଧ୍ୱନି ଉଚ୍ଚାରଣ କରି ମେଳା ବୁଲି ଦେଖିଥିଲେ।

### ଚାବିରେ ନାଁ ଲେଖେଇବାକୁ ଭିଡ଼-

ମେଳାରେ ଅନ୍ୟ ଷ୍ଟଲ ଭଳି ଚାବି ରିଙ୍ଗରେ ନା ଲେଖା ଯାଉଥିବା ସ୍ଥାନରେ ଗହଳି ପରିଲକ୍ଷିତ ହୋଇଛି। କାଠରେ ନିର୍ମିତ ବିଭିନ୍ନ ପ୍ରକାରର ଚାବିରିଂ ଏବଂ କାଠରେ ତିଆରି ସାଜସଜ୍ଜା ଉପକରଣରେ ନାମ ଲେଖେଇବା ପାଇଁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ସବୁବର୍ଗର ଲୋକଙ୍କୁ ଆକର୍ଷିତ କରିଛି। ତାର ଆକୃତି ଏବଂ ଡିଜାଇନ ଅନୁଯାୟୀ ୩୦ ଟଙ୍କାରୁ ଆରମ୍ଭ ହୋଇ ଅଧିକ ଟଙ୍କା ପର୍ଯ୍ୟନ୍ତ ରହିଛି। ସାଙ୍ଗସାଥୀଙ୍କୁ ଉପହାର ଦେବା ପାଇଁ ଏହାର ଚାହିଦା ଅଧିକ ରହୁଥିବା ଦୋକାନୀ କହିଥିଲେ।

### ଟାଟୁ କରିଛି ବାଇ

ଖଣ୍ଡଗିରି ମେଳାରେ ଭିନ୍ନ ଭିନ୍ନ ବେପାରୀ ଆସି ଷ୍ଟଲ ଲଗାଇଛନ୍ତି। ଭଳିକିଭଳି ଉପକରଣ ଗ୍ରାହକଙ୍କୁ ଆକର୍ଷିତ କରୁଥିବାବେଳେ ଟାଟୁ ଦୋକାନରେ ଭିଡ ଲଗାଇଛନ୍ତି ଯୁବପିଢି। ପାଖାପାଖି୩ରୁ ୪ଟି ଟାଟୁ ଦୋକାନ ମେଳାରେ ଦେଖିବାକୁ ମିଳୁଛି। ଯେଉଁଠି ଯୁବପିଢ଼ିଙ୍କ ସଂଖ୍ୟା ଅଧିକ ରହିଛି। ଅନ୍ୟ ଟାଟୁ ସପ୍‌ରେ ଟାଟୁ କରିବାକୁ ଅଧିକ



ଟଙ୍କା ନେଉଥିବା ବେଳେ, ଏହି ମେଳା ମହୋତ୍ସବରେ ଅପେକ୍ଷାକୃତ କମ ମୂଲ୍ୟରେ ହୋଇଯାଉଥିବାରୁ ଟାଟୁ କରିବାକୁ ପଛାଉନାହାନ୍ତି। ଏଠାରେ ବିଶେଷତଃ ଶିବଙ୍କ ଟାଟୁ, ହାତରେ ଷ୍ଟାଇପ୍ ଓ କଲର ଟାଟୁର ବିଭିନ୍ନ ଫଟୋଚିତ୍ର ପୁଅମାନେ କରୁଥିବା ବେଳେ ଯୁବତୀମାନେ ବଟରଫ୍ଲାଏ, ନିଜ ନାମ ଓ ଜନ୍ମ ତାରିଖକୁ ଟାଟୁ ବେଶୀ ତିଆରି କରୁଥିବା ଦେଖିବାକୁ ମିଳିଥିଲା।

### ଖଣ୍ଡଗିରି ଉଦୟଗିରି ମହୋତ୍ସବ

ଚଳିତ ବର୍ଷ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ଖଣ୍ଡଗିରି ଏସଏସଏସ ମଣ୍ଡପଠାରେ ପ୍ରତି ବର୍ଷ ଭଳି ଖଣ୍ଡଗିରି ଉଦୟଗିରି ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କୁନି ନୃତ୍ୟାଙ୍ଗନା ସୁଦୀପ୍ତା ତ୍ରିପାଠୀଙ୍କ ଓଡ଼ିଶୀ ନୃତ୍ୟରେ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟଙ୍କ ସମେତ ଅନୁଷ୍ଠାନର ସହ ସମ୍ପାଦକ ଡ. ସୁରେଶ ବାରିକ, ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଙ୍ଗୀତ ସନ୍ଧ୍ୟାରେ ସ୍ନେହାସୂର୍ ସଙ୍ଗୀତ ଅନୁଷ୍ଠାନର ବ୍ଲାକ ରବି ଏବଂ ସିକା କୁଲମ୍‌ର ଗାୟକ ଚଣ୍ଡି ପ୍ରସାଦଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ।

### ୨୯ରୁ ଅନ୍ତର୍ଜାତୀୟ ଐରଖାରବେଳ ମହୋତ୍ସବ

ଖଣ୍ଡଗିରି ପାନ୍ଥୀକାଠାରେ ଐର ଖାରବେଳ ମହୋତ୍ସବ କମିଟି ଏବଂ ସାଂସ୍କୃତିକ ଅନୁଷ୍ଠାନ ଅନୁଚିନ୍ତନମର ମିଳିତ ଆନୁକୂଲ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ରହି ଏବର୍ଷ ଆନ୍ତର୍ଜାତୀୟ ଐରଖାରବେଳ ମହୋତ୍ସବ ଆସନ୍ତା ୨୯ରୁ ୩୧ ତାରିଖରେ ତିନି ଦିନ ବ୍ୟାପୀ ଖଣ୍ଡଗିରି ସ୍ଥିତ ପାନ୍ଥୀକାଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହାସହ ଅଶ୍ଳୀଳ ପରମ୍ପରା ବିରୁଦ୍ଧରେ ଲଢି ଓଡ଼ିଶା ସଂସ୍କୃତିକୁ ଅକ୍ଷୁର୍ଣ୍ଣ ପଖାଯିବ। ଏଥିରେ ଦେଶ ଓ ବିଦେଶର ବହୁ ସୁନାମ ଧନ୍ୟ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମଣିପୁରୀ, ବରେଲୀର କଥକ, ମାଇମ ଆର୍ଟ, ଓଡିଶୀ, ଲୋକ ନୃତ୍ୟ ସମର କଳା ଇତ୍ୟାଦି ପଦର୍ଶିତ ହେବ। ଆନ୍ତର୍ଜାତୀୟ ନୃତ୍ୟ ଗବେଷକ ତଥା ଅନୁଚିନ୍ତନମର ପ୍ରତିଷ୍ଠାତା ଡା. ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମର ବିଶେଷ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ହିମାଂଶୁ ଛୋଟରାୟ, ରାମଚନ୍ଦ୍ର ରଣସିଂ, ଇଦିସ୍ ଭୁଇଆ, ସୁରେନ ଛୁଆଳସିଂ ପ୍ରମୁଖ ଉପସ୍ଥିତ ଥିଲେ।





✓ ମାୟା ପାଣିଗ୍ରାହୀ
ଅଧ୍ୟକ୍ଷା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଏବଂ ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ
ଆବିର୍ଭାବ : ୨୭-୦୫-୧୯୩୦
(ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୦୭-୦୨-୨୦୨୫
(ମାଘ ଶୁକ୍ଳ ଦଶମୀ)
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସଂପର୍କ
ହୃଷୀକେଶ ପାଣିଗ୍ରାହୀ
ଅଶୋକ ନଗର, ୮ମ ଲାଇନ୍, ବ୍ରହ୍ମପୁର
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ



ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ପ୍ରସନ୍ନ କୁମାର ମହାନ୍ତି
ଆବିର୍ଭାବ – ୧୧.୦୪.୧୯୪୯
ତିରୋଧାନ – ୧୯.୦୧.୨୦୨୬
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ତ୍ୟାଗ ଓ ଭଲପାଇବା ଆମେ ଭୁଲି ପାରୁନାହୁଁ, ତୁମ କଥା ସର୍ବଦା ମନେପଡୁଛି । ଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ସିଲୁ, ସୁପୁ, ବୁବୁ, ସୁଚି, ଗୁଲୁ ଏବଂ ବନ୍ଧୁବାନ୍ଧବ ଓ ପରିବାରବର୍ଗ



### କ୍ୟାପିଟାଲ ହସ୍ପିଟାଲ ରୋଗୀ କଲ୍ୟାଣ ସମିତି ବୈଠକରେ ବଡ ନିଷ୍ପତ୍ତି

# ଆଇସିୟୁ ବେଡ୍ ସଂଖ୍ୟା ୪୦କୁ ବଢ଼ିବ

ଭୁବନେଶ୍ୱର, ୨୭।୧(ସମିସ): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଆଇସିୟୁ ଶଯ୍ୟା ସଂଖ୍ୟା ୧୬ରୁ ୪୦କୁ ବୃଦ୍ଧି କରାଯିବ। ଏ ନେଇ ରୋଗୀ କଲ୍ୟାଣ ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି।

ସେହିପରି କ୍ୟାପିଟାଲ ହସ୍ପିଟାଲରେ ପିଜି ପାଠ୍ୟକ୍ରମ ପାଇଁ ଡାକ୍ତରୀ ଛାତ୍ର ଅଧ୍ୟୟନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଫାକଲଟି ନିଯୁକ୍ତି ପାଇଁ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ହସ୍ପିଟାଲରେ ଦୀର୍ଘ ବର୍ଷରୁ ଠିକାରେ କାମ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି।





କ୍ୟାପିଟାଲ ହସ୍ପିଟାଲରେ ଦୀର୍ଘ ବର୍ଷରୁ ପ୍ରାୟ ୧୫୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ବେସରକାରୀ ଭାବେ କାମ କରି ଆସୁଛନ୍ତି। ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ହସ୍ପିଟାଲ ପାଇଁ ଗୋଟେ ଲେଖାଏଁ ମହାପ୍ରୟାଣ ଏବଂ ବ୍ୟାଟେରି ଗାଡି ଯୋଗାଇ ଦିଆଯିବ ବୋଲି ଆଲୋଚନା ହୋଇଛି। ବୈଠକରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶ, ମେଡିକାଲ ସୁପରିନଟେଣ୍ଡେଣ୍ଟ, ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ସଦସ୍ୟ ବିମଳ କୁମାର ରାଉଳ ଉପସ୍ଥିତ ରହିଥିଲେ।

## ୨୮ ଲକ୍ଷ ଟଙ୍କାର ହେରୋଇନ୍ ଜବତ

ଭୁବନେଶ୍ୱର, ୨୭।୧(ସମିସ): କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରୁ ଅବକାରୀ ଥାନା ପୁଲିସ ୨୮ ଲକ୍ଷ ଟଙ୍କାର ହେରୋଇନ୍ ଜବତ କରିଛି। ହେରୋଇନ୍ କାରବାର ଅଭିଯୋଗରେ ସିଦ୍ଧେଶ୍ୱର ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସିଦ୍ଧେଶ୍ୱରଙ୍କ ଠାରୁ ୨୫୨ ଗ୍ରାମ୍ ହେରୋଇନ୍ ସମେତ ଅପରାଧରେ ବ୍ୟବହୃତ ଏକ ବୁଲେଟ ଜବତ ହୋଇଛି। ସୂଚନା ମୁତାବକ, ସିଦ୍ଧେଶ୍ୱର ଏଠାରେ ନିୟମିତ ଭାବେ ହେରୋଇନ୍ କାରବାର କରୁଥିଲେ। ଏନେଇ ଅବକାରୀ ବିଭାଗକୁ ସୂଚନା ମିଳିବା ପରେ ଅବକାରୀ ବିଭାଗ ଏମାନଙ୍କୁ ଧରିବାକୁ ଏକ ଟିମ୍ ଗଠନ କରିଥିଲା। ମଙ୍ଗଳବାର ସେ ହେରୋଇନ୍ ବିକ୍ରି କରୁଥିଲା ବେଳେ ଅବକାରୀ ବିଭାଗ ତାଙ୍କୁ ମାଡ଼ିବସିଥିଲା।



● ଡିଜିଟାଲ ଆରେଷ୍ଟ ନାଁରେ ୩୦ ଲକ୍ଷ ଠକେଇ

## ଆନ୍ଧ୍ରପ୍ରଦେଶରୁ ବନ୍ଧାହେଲା ସାଇବର ଠକ

ଭୁବନେଶ୍ୱର, ୨୭।୧(ସମିସ): ଜଣେ ମହିଳାଙ୍କ ନାମରେ ଗିରଫ ୱାରେଣ୍ଟ ଥିବା କହି ତାଙ୍କ ଆକାଉଣ୍ଟରୁ ୩୦ ଲକ୍ଷ ଠକେଇ କରିନେବା ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୁଲିସ ଜଣେ ଠକକୁ ଆନ୍ଧ୍ରପ୍ରଦେଶରୁ ଗିରଫ କରିଛି। ଗିରଫ ସାଇବର ଠକଙ୍କ ନାମ ଗୁଲିପାଗି ଚିରଞ୍ଜୀବ (୩୮) ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଥାନାରେ ସୁରମା ମଞ୍ଜରୀ ବୋହିଦାର ନାମକ ଜଣେ ମହିଳାଙ୍କୁ ଗତ କିଛିଦିନ ତଳେ ଏକ ଫୋନ କଲ ଆସିଥିଲା। ଯେଉଁଥିରେ ସାଇବର ଠକ ଜଣଙ୍କ ମହିଳାଙ୍କୁ ବିଭିନ୍ନ ମିଥ୍ୟା କଥା କହିବା ସହ ତାଙ୍କ ନାମରେ ୱାରେଣ୍ଟ ଥିବା କଥା କହି ଡରାଇଥିଲେ। ପରେ ତାଙ୍କୁ ୩୦ ଲକ୍ଷ ଟଙ୍କା ନ ଦେଲେ ସେ ଗିରଫ ହେବେ ବୋଲି ଧମକ ଦେଇଥିଲେ। ଏପରିକି ମହିଳାଙ୍କ ମୋବାଇଲକୁ ସେ ଭିଡ଼ିଓ କଲ୍ କରି ପୁଲିସ ପୋଷାକରେ ମିଥ୍ୟା ପରିଚୟ ଦେଇ ଭୟଭୀତ କରିଥିଲେ। ଏଥିରେ ଭୟଭୀତ ହୋଇ ମହିଳା ଜଣଙ୍କ ଠକକୁ ୩୦ ଲକ୍ଷ ଟଙ୍କା ଅନଲାଇନ ପୈଇଠ କରିଥିଲେ। ତଦନ୍ତ ସମୟରେ, ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ତଥା ଠକ ହେଲା ଗୁଲିପାଗି ଚିରଞ୍ଜିବୀ।

## ଦୁର୍ଘଟଣାରେ ଯୁବକ ମୃତ, ମହିଳା ଗୁରୁତର

ଧଉଳି, ୨୭।୧(ସମିସ): ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସିଉଳା ଛକ ନିକଟରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳର ରବି ସାହୁ। ଆହତ ଯୁବତୀଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରନେବାରେ ଜଣାପଡ଼ିଛି ଗତକାଲି ରବି ଏକ ବାଇକ ଯୋଗେ ସମ୍ପର୍କୀୟ ଯୁବତୀଙ୍କୁ ବସାଇ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସକାଳ ପ୍ରାୟ ୭ ଟାରେ କୌଶଲ୍ୟାଗଙ୍ଗ ଫାଣ୍ଡି ସିଉଳା ଛକ ନିକଟରେ ଭାରସାମ୍ୟ ହରାଇ ବାଇକଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ଧକ୍କା ହୋଇଥିଲା। ଫଳରେ ଗାଡି ଭାଙ୍ଗିରୁଜି ଯାଇଥିବା ବେଳେ ଉଭୟ ସେଠାରେ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିବା ବେଳେ ଯୁବତୀ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

## ବିଲ୍ଡର୍ସ ଅଫିସରେ ଗୁଟଖା ଗୋଦାମ

ଭୁବନେଶ୍ୱର, ୨୭।୧(ସମିସ): ଭରତପୁର ଥାନା କୋଲଥିଆ ଅଞ୍ଚଳରେ ଏକ ବିଲ୍ଡର୍ସ କାର୍ଯ୍ୟାଳୟରେ ଗୁଟଖା ଗୋଦାମ ଠାବ ହୋଇଛି। ଏଠାରୁ ପୁଳାପୁଳା ଗୁଟଖା ଜବତ ହୋଇଛି। କ୍ରିଷ୍ଣା ବିଲ୍ଟେକ୍ ନାମକ ବିଲ୍ଡର ସଂସ୍ଥା ଏବଂ କ୍ରିଷ୍ଣା କନ୍ସଲ୍ଟାନ୍ସି ଏକ ଏଜେନ୍ସି ନାମରେ ଏହି ବେଆଇନ୍ ଗୁଟଖା ଗୋଦାମ ଚାଲିଥିଲା। ଖବରପାଇ ଭରତପୁର ଥାନା ପୁଲିସ ଏହି ଗୋଦାମ ଉପରେ ଚଢ଼ଉ କରିଥିଲା। ସଂସ୍ଥାର ମାଲିକ ଗୁଟଖା ପୂର୍ବରୁ ଏହି ବ୍ୟବସାୟ କରୁଥିଲେ। ଏସଂକ୍ରାନ୍ତ କାଗଜପତ୍ର ସେ ପୁଲିସକୁ ଦେଖାଉଛନ୍ତି। ଏଣୁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରି ନାହିଁ। ପୁଲିସ ସୂଚନା ମୁତାବକ, ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁଟଖା ବ୍ୟାନ୍ ହୋଇଛି। ଗୁଟଖା ବିକ୍ରୟ, ପରିବହନ ଏବଂ ଷ୍ଟୋରେଜ୍ ଉପରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲଗାଯାଇଛି। ହେଲେ ଏହାକୁ ନମାନି ବହୁ ଲୋକେ ବେଆଇନ୍ ଭାବେ ଗୁଟଖାର କଳାବଜାରୀ କରୁଛନ୍ତି। ଏଣୁ ଭରତପୁର ଥାନା କୋଲଥିଆ ଅଞ୍ଚଳରେ ଗୋଦାମ ଥିବା ଜାଣି ପୁଲିସ ଚଢ଼ଉ କରିଥିଲା।

## ମହିଳାଙ୍କ ମୋବାଇଲ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୨୭।୧(ସମିସ): ମହିଳାଙ୍କ ମୋବାଇଲ ଝାମ୍ପିନେଇଥିବା ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଚନ୍ଦନ ଜେନା। ଚନ୍ଦନଠାରୁ ୩ଟି ଚୋରା ମୋବାଇଲ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୩ ତାରିଖ ସନ୍ଧ୍ୟା ପ୍ରାୟ ୭.୫୦ ସମୟରେ ମହିଳା ତାଙ୍କ ସ୍ୱାମୀଙ୍କ ସହିତ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆସ୍ଥିତ ସିସିର ସରସ ମେଳାର ମୁଖ୍ୟ ଫାଟକ ସମ୍ମୁଖରେ ଠିଆ ହୋଇଥିବା ବେଳେ, ତିନି ଜଣ ଅଜଣା ଯୁବକ ଏକ ସ୍କୁଟିରେ ଆସି ତାଙ୍କ ହାତରୁ ଏକ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଓଡ଼ିଶା ରାଜ୍ୟ ମେଡିକାଲ୍ ନିଗମ ପାର୍ଶ୍ୱକୁ ପଳାଇ ଯାଇଥିଲେ। ଏନେଇ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ତଥା ୨୭ ତାରିଖରେ ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ମାଷ୍ଟର କ୍ୟାଣ୍ଟିନ୍ ଅଞ୍ଚଳ ନିକଟରୁ ଏକ ଚନ୍ଦନକୁ ଗିରଫ କରିଥିଲା। ତାଠାରୁ ଏକ ୟାମାହା ସ୍କୁଟି ସହ ଚୋରି ଯାଇଥିବା ମୋବାଇଲ୍ ଏବଂ ଦୁଇଟି ଅନ୍ୟ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା।

## ୨୦ କିଲୋମିଟର ଗୋଡ଼ାଇବା ପରେ ଆକ୍ରମଣ

ଭୁବନେଶ୍ୱର, ୨୭।୧(ସମିସ): ରାଜଧାନୀରେ ସକ୍ରିୟ ଅପରାଧୀ। ଅଶାନ୍ତ ହୋଇ ପଡ଼ିଛି ରାଜରାସ୍ତା। ରାତିରେ ୨୦ କିଲୋମିଟର ଗୋଡାଇବା ପରେ କାର ଚାଳକଙ୍କୁ ଆକ୍ରମଣ ଅଭିଯୋଗ। ଦୁବୃତ୍ତମାନେ ରାତିରେ ଚାଳକଙ୍କୁ ଆକ୍ରମଣ କରିବା ସହ କାର୍ କାଚ ଭାଙ୍ଗି ଦେଇଛନ୍ତି। ଦୁବୃତ୍ତମାନେ ଦୁଇଟି ଏକ୍ସ୍ୟୁଭିରେ ପିପିଲି ଟୋଲ୍ ଗେଟ୍ ପାଖରୁ ନଖରା ଅଞ୍ଚଳର ଜିତେନ୍ଦ୍ର ବେହେରାଙ୍କ କାରକୁ ଗୋଡାଇବା ପରେ ଆକ୍ରମଣ କରିଛନ୍ତି। ପରେ ଜିତେନ୍ଦ୍ର ପ୍ରଥମେ ସହୀଦନଗର ଥାନାରେ ଆସି ଅଭିଯୋଗ କରିଥିଲେ।

## ସନାତନ ହରିଚନ୍ଦନ କଲେଜରେ ଜାତୀୟ ମତଦାତା ଦିବସ



ବଡ଼ରଘୁନାଥପୁର, ୨୭।୧(ସମିସ): ଜାତୀୟ ମତଦାତା ଦିବସ ପାଳନ ଅବସରରେ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ 'ମାଇଁ ଭାରତ ମାଇଁ ଭୋଟ' ନାରାରେ ପ୍ରକମ୍ପିତ ହୋଇ ଉଠିଥିଲା। ଏଥିରେ ଏନ୍‌ଏସ୍‌ଏସ୍‌ର ରିଜିଓନାଲ ଡାଇରେକ୍ଟର ସରିତା ପଟେଲ, ମାଇଁ ଭାରତର ରିଜିଓନାଲ ଡାଇରେକ୍ଟର ସିବାଜି ଖେରତ, ଏନ୍‌ଏସ୍‌ଏସ୍‌ର ୟୁଥ ଅଫିସର ଅଜିତ ଖୁସୁହା, ସନାତନ ହରିଚନ୍ଦନ କଲେଜର ଅଧ୍ୟକ୍ଷ ପ୍ରଫୁଲ କୁମାର ଦାସ, ଏନ୍‌ଏସ୍‌ଏସ୍‌ର ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଞ୍ଜାନନ ମଙ୍ଗରାଜ, ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆୟୋଜକ ପରିଚାଳକ ଅଶୋକ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସନାତନ ମହାବିଦ୍ୟାଳୟ ସହିତ ଆଶାକିରଣ, ନିସ, ଗୀତମ, ଜିଇସି, ଆଦି ମହାବିଦ୍ୟାଳୟର ପ୍ରାୟ ୭୦୦( ସାତଶହ) ଶିକ୍ଷାର୍ଥୀ ସାମିଲ ହୋଇଥିଲେ। ମତଦାତା ହେବାର ସୌଭାଗ୍ୟ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୟାଧର ଜେନାକୁ ତୃତୀୟ ମାମଲାରେ ସଜା

ଭୁବନେଶ୍ୱର, ୨୭।୧(ସମିସ): ବିଚାରପତି ସୋମେଶ ସୌମ୍ୟଜିତ ପଣ୍ଡା, ଜେଏମଏଫ୍‌ସି (ଚତୁର୍ଥ) ଭୁବନେଶ୍ୱର କୋର୍ଟ, ଗତ ୨୦୨୧ ବର୍ଷ ନଭେମ୍ବର ମାସରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ଜମି ଜାଲିଆତି ମାମଲାର ବିଚାର କରି ଅଭିଯୁକ୍ତ ଗୟାଧର ଜେନାକୁ ୩ ବର୍ଷର ସଜା ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୁରୀ ଜିଲ୍ଲା ରେବଣା ନୂଆଗାଁର ଅଭିଯୋଗକାରୀ ସୁଭାଜିତ ମହାରଣା ଅଭିଯୋଗ କରିଥିଲେ ଯେ, ସରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଗୟାଧର ଜେନା ତାଙ୍କୁ ପାଣ୍ଡରା ମୌଜାରେ ୨୦୦୦ ବର୍ଗଫୁଟ ପରିମାଣର ଏକ ଆବାସିକ ପ୍ଲଟ୍ ବିକ୍ରି କରିବା ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିଶ୍ରୁତିରେ ବିଶ୍ୱାସ କରି, ଅଭିଯୋଗକାରୀ ବିଭିନ୍ନ ତାରିଖରେ ସରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡକୁ ମୋଟ ଟଙ୍କା ୮ ଲକ୍ଷ ୫୦ ହଜାର ଜମା କରିଥିଲେ। ତାହାର ରସିଦ ପାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଗୟାଧର ଜେନା ଅଭିଯୋଗକାରୀଙ୍କ ସପକ୍ଷରେ ଏକ ବିକ୍ରୟପତ୍ର କରିଥିଲେ, ଯାହାରେ ପାଣ୍ଡରା ମୌଜା ଅନ୍ତର୍ଗତ ଏକ ପ୍ଲଟ୍ ଆବଣ୍ଟନ କରାଯାଇଥିବା ଉଲ୍ଲେଖ ଥିଲା। କିନ୍ତୁ ପରେ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ ଉକ୍ତ ପ୍ଲଟ୍ ପୂର୍ବରୁ ସମୀର କୁମାର ରାଉତ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦଖଲରେ ରହିଛି। ଏହା ପରେ ଅଭିଯୋଗକାରୀ ତାଙ୍କ ଜମା ଟଙ୍କା ଫେରସ୍ତ ଦାବି କରିବା ସମୟରେ ଗୟାଧର ଜେନା ପ୍ରଥମେ ସମ୍ପୂର୍ଣ୍ଣ ଟଙ୍କା ପରିଶୋଧ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୧୮ ମସିହାରେ କେବଳ ଟଙ୍କା ୧୦ ହଜାର ଫେରାଇଥିଲେ। ଶେଷ ବକେୟା ଟଙ୍କା ୮ ଲକ୍ଷ ୪୦ ହଜାର ପରିଶୋଧ କରିବାରୁ ଏଡାଇ ଯାଇଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନା ଯଥା ସହିଦନଗର, ଲକ୍ଷ୍ମୀସାଗର, ଏବଂ ବଡଗଡ଼ ଥାନାରେ ୩୦ରୁ ଅଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ନବମ ବାଲକାଟି ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ଲିଓ ଲାନ୍ସରକୁ ହରାଇ ବିବି ରାଇଡ଼ର ଚାମ୍ପିଅନ

ବାଲିଅନ୍ତା, ୨୭ ।୧(ସମିସ): ବାଲକାଟି କଲେଜ ପଡ଼ିଆରେ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ବାଲକାଟି ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣ ସୋମବାର ଉଦଯାପନୀ ବା ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଲିଓ ଲାନ୍ସର ଓ ବିବି ରାଇଡର ମଧ୍ୟରେ ହୋଇଥିଲା। ଏଥିରେ ଲିଓ ଲାନ୍ସରକୁ ହରାଇ ବିବି ରାଇଡ଼ର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଟସ ଜିତି ବିବି ରାଇଡ଼ର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ବୁବୁନ ମହାପାତ୍ରଙ୍କ ଧୂଆଁଧାର ବ୍ୟାଟିଂ ବଳରେ ୧୦୯ ରନ କରିଥିଲେ। ଜବାବରେ ଲିଓ ଲାନ୍ସର ମାତ୍ର ୯୦ ରନ କରିବାରେ ସକ୍ଷମ ହୋଇଥିଲା। ଫଳରେ ବିବି ରାଇଡ଼ର ୧୯ ରନରେ ଏହି ମ୍ୟାଚ ଜିତି ନେଇଥିଲା। ଫାଇନାଲ ମ୍ୟାଚରେ କ୍ଲବର ସଭାପତି ଇଁ ରୁଦ୍ରପ୍ରସାଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ ସଭାରେ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ହାଇଟେକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ବିଶିଷ୍ଟ ସମାଜସେବୀ ଇଁ. ସଞ୍ଜୟ କୁମାର ମହାନ୍ତି, ସୁବ୍ରତ ମହାନ୍ତି, ବିଜୟ କୁମାର ନାୟକ, ନିରଞ୍ଜନ ଜେନା, ପ୍ରଦୀପ ଜେନା, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଶିକ୍ଷାବିତ ବିଧୁ ଭୂଷଣ ପଟ୍ଟନାୟକ, ସିଦ୍ଧେଶ୍ୱର ମହାନ୍ତି, ସମିତିସଭ୍ୟ ଗଙ୍ଗାଧର ମାହାରୀ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ପରାଜିତ ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ବୁବୁନ ମହାପାତ୍ର, ମ୍ୟାନ ଅଫ ଦି ସିରିଜ/ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ କାର୍ତ୍ତିକ ମଙ୍ଗରାଜ, ବେଷ୍ଟ ବୋଲର ମୁକେଶ ସାମନ୍ତରାୟଙ୍କୁ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚକୁ ଶ୍ରୀକାନ୍ତ ମହାରଣା, ବିଟୁ, ମଣ୍ଟୁ ପରିଚାଳନା କରିଥିବା ବେଳେ ଭରତ ସେଠି, ହୃଷିକେଶ ସ୍ୱାଇଁ, ନିହାର ରଞ୍ଜନ ଦାସ, ସୌମ୍ୟ ରଞ୍ଜନ ମହାନ୍ତି, ଆର୍ଯ୍ୟପ୍ରକାଶ ଭୋଳ, ସାଇ ସ୍ୱରୂପ ନାୟକ ପ୍ରମୁଖ ସହଯୋଗ କରିଥିଲେ।





## ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ଟୁଇନ୍ ସିଟିରେ ୩୦ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୭।୧(ସମିସ): ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରା ଦେଇଛି ନବ ନିମାଣ କୃଷକ ସଂଗଠନ। ଧାନ ମଣ୍ଡି, ପିୟୁସିସି ଓ ସ୍ମାର୍ଟ ମିଟର ପ୍ରସଙ୍ଗରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ଟ୍ୱିନ୍‌ସିଟିରେ ୫୦ ପ୍ଲାଟୁନ୍ ପୁଲିସ ମୁତୟନ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ, ୧୨ ଅତିରିକ୍ତ ଡିସିପି ର୍‍ୟାଙ୍କ୍‌ର ଅଧିକାରୀ ଏବଂ ୨୫ ଇନ୍ସପେକ୍ଟର ମୁତୟନ ରହିବେ। ସେହିପରି କଟକର ୨୦ ପ୍ଲାଟୁନ୍ ଫୋର୍ସ, ୧୦ ଅତିରିକ୍ତ ଡିସିପି ର୍‍ୟାଙ୍କ୍‌ର ଅଧିକାରୀ ଏବଂ ୨୩ ଜଣ ଇନ୍ସପେକ୍ଟର ମୁତୟନ ରହିବେ। ଏନେଇ 'ଲ ଆଣ୍ଡ ଅର୍ଡର' ଏଡିଜି ସଞ୍ଜୟ କୁମାର କହିଛନ୍ତି ଯେ, ଯଦି କୌଣସି ଆନ୍ଦୋଳନକାରୀ ଆଇନକୁ ହାତକୁ ନିଅନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟ୍ରାଫିକ୍‌ରେ ଲୋକଙ୍କୁ ଅଟକାଇବା, ଗାଡ଼ି ଅଟକାଇ ଭଙ୍ଗାରୁଜା କରିବା ଭଳି କାର୍ଯ୍ୟା କଲେ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଏଡିଜି। ଆହୁରି ମଧ୍ୟ ସରକାରୀ ଅଫିସ ସମ୍ମୁଖ, ବିଧାନସଭା ଆଗରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ସରକାରୀ ଅଫିସରମାନଙ୍କୁ ଆଗୁଆ ଅଫିସ ଆସିବାକୁ କୁହାଯାଇଛି। କଟକ, ଭୁବନେଶ୍ୱର, ପାରଦୀପ, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ରାଉରକେଲା, ସମ୍ବଲପୁର ଏବଂ ଢେଙ୍କାନାଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଶୈକ୍ଷିକ ସମସ୍ୟା ନେଇ ଉତ୍କଳରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ



ଭୁବନେଶ୍ୱର, ୨୭ ।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ସମସ୍ୟା ନେଇ ଛାତ୍ରଛାତ୍ରୀମାନେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଶୈକ୍ଷିକ ବ୍ୟବସ୍ଥା ସୁଧାରିବାକୁ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବାଟ ହୁଡ଼ିଛି। ପରୀକ୍ଷା ପୂର୍ବରୁ ଅଧ୍ୟାପକ/ଅଧ୍ୟାପିକାମାନେ କୋର୍ସ ସାରିପାରୁ ନାହାନ୍ତି। ପରୀକ୍ଷାରେ ପ୍ରଶ୍ନ ଆସିଲେ ସେମାନେ ହିଁ ସମସ୍ୟାରେ ପଡୁଛନ୍ତି ଓ ପରୀକ୍ଷାରେ ଆଶାଜନକ ପ୍ରଦର୍ଶନ କରିପାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଅଧ୍ୟାପକ ନିଯୁକ୍ତ ନ ହେବାକୁ ଦାୟୀ କରିବା ସହ ଦକ୍ଷ ଅଧ୍ୟାପକ ନିଯୁକ୍ତ କରିବାକୁ ଦାବି କରିଛନ୍ତି। ଅଧ୍ୟାପକ ଆବଶ୍ୟକତାକୁ ସାମୟିକ ଭାବେ ପୂରଣ କରିବା ପାଇଁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଉଥିଲେ ମଧ୍ୟ ଯୋଗ୍ୟତାକୁ ପରଖାଯାଉନାହିଁ। ପ୍ରିୟାପ୍ରିତି ପୋଷଣ କରି ନିଯୁକ୍ତି ଦିଆଯାଉଥିବା ମଧ୍ୟ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ପାଠପଢ଼ା ସାରିବା ସହ ଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

### ଆଦିବାସୀ ମେଳା ଉଦ୍‌ଘାଟିତ

# ୧୦୯ ଷ୍ଟଲ୍ ସାଙ୍ଗକୁ ୧୦ ଆଦିବାସୀ କୁଡ଼ିଆ

ଭୁବନେଶ୍ୱର, ୨୭ ।୧(ସମିସ): ଓଡ଼ିଶା ଏକ ବିବିଧ ସଂସ୍କୃତିର ଭୂମି, ଯେଉଁଠାରେ ଜନଜାତି ସମ୍ପ୍ରଦାୟ ହଜାର ହଜାର ବର୍ଷ ଧରି ପ୍ରକୃତିର କୋଳରେ ବସବାସ କରିଆସୁଛନ୍ତି ଓ ସେମାନଙ୍କ ଜୀବନଶୈଳୀ, ପରମ୍ପରା ଓ ଚିନ୍ତାଧାରା ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଉଛି। ଆଧୁନିକ ଭାରତର ଇତିହାସ ଏବଂ ସ୍ୱାଧିନତା ସଂଗ୍ରାମରେ ଆଦିବାସୀଙ୍କ ତ୍ୟାଗ ଓ ବଳିଦାନ ଅବର୍ଣ୍ଣନୀୟ ବୋଲି ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ମେଳା-୨୦୨୬ ଉଦ୍‌ଘାଟନୀ ଅବସରରେ ମତବ୍ୟକ୍ତ କରିଛନ୍ତି। ୟୁନିଟ-୧ ସ୍ଥିତ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ମେଳାରେ ୧୧୪୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିବା ବେଳେ ୩୨୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ସମୁଦାୟ ୧୦୯ଟି ଷ୍ଟଲ୍ ଖୋଲାଯାଇଛି। ସେହିପରି ୧୦ ଟି ଆଦିବାସୀ ଗୃହ ଜନଜାତି ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସ୍ଥାପତ୍ୟ ଓ ସାଂସ୍କୃତିକ ଅଭ୍ୟାସକୁ ପ୍ରତିଫଳିତ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ପ୍ରକାଶିତ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚିତ କରିବା ସହ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପ୍ରତିଭା ମାନଙ୍କୁ ସମ୍ମାନିତ କରିଥିଲେ। ଆସନ୍ତା ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳା ପ୍ରତିଦିନ ଦିନ ୨ଟା ୩୦ରୁ ରାତି ୯ଟା ଯାଏ ଖୋଲା ରହିବ।





## କାଠ ନିର୍ମିତ ହୋମ୍ ଡେକୋର୍‌ର ବଢୁଛି ଚାହିଦା

ପୂର୍ବରୁ କାଠ କାରିଗରମାନେ ବା ବଢ଼େଇମାନେ କେବଳ କାଠରେ ଖଟ, ଆଲଣା, ଆଲମିରା, ଚୌକି, ବେଞ୍ଚ, ଟେବୁଲ, ଆଦି ଆସବାବପତ୍ର ତିଆରି କରିଥାନ୍ତି। ହେଲେ ବର୍ତ୍ତମାନ ଆସବାବ ସାମଗ୍ରୀ ସମେତ ଘରର ସାଜସଜ(ହୋମ୍ ଡେକୋର୍) ପାଇଁ ବ୍ୟବହାର ହେଉଥିବା ଅନେକ ଜିନିଷ ମଧ୍ୟ କାଠରେ ନିର୍ମିତ ହେଉଛି। କାଠକୁ ନୂଆ ରୂପ ଦେଉଛନ୍ତି କାରୀଗରମାନେ। ପୂର୍ବ ପୁରୁଷମାନେ କାଠ କାରିଗରୀ କାମ କରି ପରିବାର ଭରଣପୋଷଣ କରୁଥିବା ବେଳେ ଏହି କୌଳିକ ବୃତ୍ତିକୁ ଆଗାମୀ ପିଢ଼ି ଆପଣେଇବାକୁ ପ୍ରୟାସ କରୁଥିବା କଳାହାଣ୍ଡି ଜିଲ୍ଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଦସ୍ୟମାନେ କହିଛନ୍ତି। ଯୁବପିଢ଼ିମାନେ ମଧ୍ୟ କାଠ କରିଗରୀକୁ ନିଜର ବୃତ୍ତି ଭାବେ ଆପଣେଇ ନେଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଏମାନେ ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରି ସେଣ୍ଟରରୁ ମାଗଣାରେ ଟ୍ରେନିଂ ନେଇ କାଠକୁ ଖୋଦେଇ କରି ଭଳି କି ଭଳି ଜିନିଷ ତିଆରି କରୁଛନ୍ତି। ପରିବାରର ପୁରୁଷମାନେ କାଠକୁ ବିଭିନ୍ନ ଆକୃତି ଦେଉଥିବା ବେଳେ ମହିଳାମାନେ ସେଥିରେ ରଙ୍ଗ ଦେବା ଓ ପଲିସ୍ କାମ କରିଥାନ୍ତି। ଏହାସହ ସ୍ଥାନୀୟ ମାର୍କେଟ, ଅନଲାଇନ୍, ଅଫ୍ ଲାଇନ୍ ଓ ମେଳା ମହୋତ୍ସବରେ ଏସଏଚଜି ମା'ମାନେ ଏହାକୁ ବିକ୍ରି କରିଥାନ୍ତି ବୋଲି ସୂଚନା ରହିଛି। ଗଣେଶ, ସରସ୍ୱତୀ, ଜଗନ୍ନାଥ, ବିଷ୍ଣୁ, ମା ଦୁର୍ଗା, ସନ୍ତୋଷୀ ଆଦି ଦେବାଦେବୀଙ୍କ ଅବିକଳ ପ୍ରତିମୂର୍ତ୍ତି ସମେତ ହଳ, ଲଙ୍ଗଳ, ସବାରୀ, ପାଲିଙ୍କି, ହାତୀ, ବୁଦ୍ଧ ଆଦିଙ୍କ ମୂର୍ତ୍ତି ଷ୍ଟଲର ଶୋଭା ବଢ଼ାଉଛନ୍ତି। ୨ଇଞ୍ଚ ଉଚ୍ଚତାରୁ ଆରମ୍ଭ କରି ୪ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ବିଭିନ୍ନ ଆକ୍ୟତ୍ତିର ମୂର୍ତ୍ତି ରହିଥିବା ବେଳେ ୨୦୦ଟଙ୍କାରୁ ୪୫ ହଜାର ପର୍ଯ୍ୟନ୍ତ ଦାମ୍ ରହିଛି। ତେବେ ଏହିସବୁ ସାମଗ୍ରୀ ଗୁଡ଼ିକ ଶାଗୁଆନ କାଠରେ ତିଆରି ହୋଇଥିବା ବେଳେ ଏହା ବର୍ଷ ବର୍ଷ ଧରି ନଷ୍ଟ ନହେବା ସହ ଏହାର ରଙ୍ଗର ଚମ ବି ବହୁଦିନ ପର୍ଯ୍ୟନ୍ତ ରହିଥାଏ ବୋଲି ସେ କହିଛନ୍ତି।

# ଭୁବନେଶ୍ୱର ସିଟି



## କ୍ରୀଷ୍ଟାପୁରୀ କଲୋନୀରେ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭।୧(ସମିସ): ବୁଢ଼ା କୋଚିଲା ମନ୍ଦିର ପ୍ରାଙ୍ଗଣରେ କ୍ରିଷ୍ଟାପୁରୀ ଆଞ୍ଚଳିକ ବିକାଶ ପରିଷଦର ୭୭ ତମ ସାଧାଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ହାଇଟେକ୍‌ରେ ଗଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭୭ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଫିଜିଓଥେରାପି କଲେଜ, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ସହସ୍ରାଧିକ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଅତିଥି ଭାବେ ଆମେରିକାର ପ୍ରସିଦ୍ଧ ସ୍ନାୟୁରୋଗ ବିଶେଷଜ୍ଞ ଡ. ପାନନ ଶତପଥୀ, ହାଇଟେକ୍ ଗ୍ରୁପ୍‌ର ପୂର୍ବତନ ଡିନ୍ ଓ ନିର୍ଦ୍ଦେଶକ ଡ. ଏସ୍.କେ ବାସୁ, ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରୀପାଠୀ, ଟ୍ରଷ୍ଟି ବିଶ୍ୱଜିତ୍ ପାଣିଗ୍ରାହୀଙ୍କ ସମେତ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଚିକିତ୍ସାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜେଇଏମ୍ ସ୍କୁଲରେ ସାଧାରଣତନ୍ତ୍ର ଦିବସ




ଭୁବନେଶ୍ୱର, ୨୭ ।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା, ଅଧ୍ୟକ୍ଷା ସନ୍ଧ୍ୟା ଜେନା ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ସିସି ଏୟାର୍ ୱିଙ୍ଗ୍ ଓ କର୍ଣ୍ଣ ହାଉସ୍ ଶ୍ରେଷ୍ଠ ପରେଡ଼୍ ପାଇଁ ପୁରସ୍କୃତ ହୋଇଥିଲେ। ପରିଚାଳନା କମିଟି ସଦସ୍ୟ ଶିବପଦ ସ୍ୱାଇଁ, ସଦସ୍ୟ ବିବେକାନ୍ଦ ଦାସ ପ୍ରମୁଖଙ୍କ ସମେତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।

## କିଟ୍ ଓ କିସ୍‌ରେ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପରେଡ ଅଭିବାଦନ ଗ୍ରହଣ କରିଥିବା ବେଳେ ଅନ୍ୟ ୯ ଜଣ ଶ୍ରୀଲଙ୍କା ସାଂସଦ ମଧ୍ୟ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କିଟ୍, କିସ୍ ଓ କିମ୍‌ସର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ ପକ୍ଷରୁ ପ୍ରଜ୍ଞାପନମେଡ଼୍ ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ସକାଳ' ଓ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭।୧(ସମିସ):'ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ'ର ଭଗବାନପୁରସ୍ଥିତ କାର୍ଯର୍‌ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ 'ନନ୍ଦିଘୋଷ' ଟିଭିର ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର, ନନ୍ଦିଘୋଷ ଟିଭିର ସିଓଓ ଯବର ସିଂହ ପନୱର, 'ସକାଳ' ଓ 'ନନ୍ଦିଘୋଷ'ର ଡିଜିଏମ୍ ଯୀଶୁ ମହାନ୍ତିଙ୍କଙ୍କ ସମେତ 'ସକାଳ' ଡିଜିଟାଲ, 'ନନ୍ଦିଘୋଷ' ଟିଭି ଓ 'ସକାଳ'ର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

## ହାଇଟେକ୍ ପବ୍ଲିକ୍ ସ୍କୁଲର ପ୍ରଭାତ ଫେରି

ଭୁବନେଶ୍ୱର, ୨୭ ।୧(ସମିସ): ହାଇଟେକ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ୭୭ ତମ ଗଣତନ୍ତ୍ର ଦିବସରେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବିଦ୍ୟାର୍ଥୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହ ହାଇଟେକ୍ କ୍ୟାମ୍ପସ୍‌ରୁ ବାହାରି ପାଣ୍ଡରା ଗ୍ରାମରୁ ଜାତୀୟ ରାଜପଥ ପରିକ୍ରମା କରିଥିଲେ। ବିଦ୍ୟାର୍ଥୀମାନଙ୍କୁ ବାଲ୍ୟକାଳରୁ ଦେଶସେବା ପ୍ରତି ଆକୃଷ୍ଟ କରାଇବା ପାଇଁ ହାଇଟେକ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ରୀତା ତ୍ରିପାଠୀ ଆହ୍ୱାନ ଦେଇଛନ୍ତି।

## ଓଡିଏମ୍‌ରେ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଷ୍ଟେସନ ହେଡକ୍ୱାର୍ଟର୍ସର ଷ୍ଟାଫ ଅଫିସର (ଭେଟନାର) କର୍ଣ୍ଣେଲ ନୀହାର କୁଅଁର ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ଉପସ୍ଥିତ ଥିଲେ।

## ଟିପିସିଓଡିଏଲ୍ ପକ୍ଷରୁ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂସ୍ଥାର କର୍ପୋରେଟ୍ କାର୍ଯ୍ୟାଳୟ ପରିସରରେ ସିଇଓ ଅରଭିନ୍ଦ ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ 'ପିଏମ୍ ସୂର୍ଯ୍ୟ ଘର: ମୁଫ ବିଦ୍ୟୁତ୍ ଯୋଜନା' ଅଧୀନରେ ଘରଛାତରେ ସୌର ପ୍ରକଳ୍ପ ସ୍ଥାପନ କରିଥିବା ୩୦ ଜଣ ଉପଭୋକ୍ତାଙ୍କୁ 'ଗ୍ରୀନ୍ ଚାମ୍ପିୟନ' ଭାବେ ସମ୍ମାନିତ କରାଯାଇଥିଲା।

## ଏମ୍ସ ଭୁବନେଶ୍ୱରରେ ଗଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୭ ।୧(ସମିସ): ଏମ୍ସ ଭୁବନେଶ୍ୱରରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଡିନ୍ ଡ. ପି. ଆର. ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେଡିଡିଏଲେଫ୍ଟନାଣ୍ଟକର୍ଣ୍ଣେଲଅଭିଜିତସରକାରଧନ୍ୟବାଦଅର୍ପଣକରିଥିଲେ।

## ବିଧାନସଭା ପରିସରରେ ସାଧାରଣତନ୍ତ୍ର ଦିବସ



ବିଧାନସଭା ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସଚିବ ସତ୍ୟବ୍ରତ ରାଉତ, ମୁଖ୍ୟ ନିରାପତ୍ତା ଅଧିକାରୀ ଗୋପାଳକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ୟୁନିଟ୍-୮ ରେ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): ଡିଏଭି ପବ୍ଲିକ୍ ସ୍କୁଲ୍ ୟୁନିଟ୍-୮ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍କାଉଟ୍, ଗାଇଡ୍, ଏନ୍‌ସିସି, ଏୟାର ଉଇଙ୍ଗସ୍, ରେଡ କ୍ରସ୍ ଏବଂ ବିଦ୍ୟାଳୟର ଚାରୋଟି ସଦନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ୟାରେଡ଼୍ ପ୍ରଦର୍ଶିତ ହୋଇଥିଲା। କୃତି ପ୍ରତିଯୋଗୀ ଓ ଝୋଟି ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବା ଅଭିଭାବକମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଈପ୍‌ସିତା ଦାସ ଛାତ୍ରଛାତ୍ରୀମାନଙ୍କୁ ଦେଶର ଉତ୍ତମ ନାଗରିକ ହେବା ପାଇଁ ମରାମର୍ଶ ଦେଇଥିଲେ।

## କିଷ୍ଟରେ ଗଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): କୋଣାର୍କ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିହରେ ୭୭ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଲେଫ୍ଟନା ଜେନେରାଲ ଡ. କମାଣ୍ଡର ଅମିୟ ପାତ୍ର, ହାଇଟେକ୍ ଗ୍ରୁପ୍ ଡେପୁଟି ଡାଇରେକ୍ଟର ଅନିଲ କୁମାର ପାଣିଗ୍ରାହୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ପାର୍ଥ ସାରଥୀ ଖୁଣ୍ଟିଆ, ଡିନ୍ ଡ. ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଡେଭଲପ୍‌ମେଣ୍ଟ ଅଫିସର୍ ଗୌରାଙ୍ଗ ଚୌଧୁରୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। 'ଅପରେସନ୍ ସିନ୍ଦୂର' ବିଷୟବସ୍ତୁ ଉପରେ ଏକ ନାଟକ ଏବଂ ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

## ଲୋକଭବନରେ ଆଟ୍-ହୋମ୍




ଭୁବନେଶ୍ୱର, ୨୭।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସୌଜନ୍ୟରେ ରାଜଭବନଠାରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟପାଳଙ୍କ ଆମନ୍ତ୍ରଣ କ୍ରମେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବ୍ଲୋସମ୍ସ ସ୍କୁଲ୍‌ରେ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱର, ୨୭ ।୧(ସମିସ): ଭରତପୁରସ୍ଥିତ ବ୍ଲୋସମ୍ସ ସ୍କୁଲର ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆରମ୍ଭ ମୁଖ୍ୟ ଅତିଥି ଭାବେ କ୍ୟାପ୍ଟେନ୍ ନବୀନ ଚନ୍ଦ୍ର ଶର୍ମା ଯୋଗଦେଇଥିଲେ। 'ଚିକିତ୍ସା କ୍ଷେତ୍ର'ରେ ବୀଣାପଣ୍ଡା, 'ସାମାଜିକ ସେବା' ଗାର୍ଗୀ ଭଟ୍ଟାଚାର୍ଯ୍ୟ, 'କଳା କ୍ଷେତ୍ର' ବିକାଶ ଦାସଙ୍କୁ ବ୍ଲୋସମ୍ସ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିଲା। ପରେ ସ୍ମୃତିଚିହ୍ନ ପ୍ରଦାନ, ସ୍ଥାପକ ନିର୍ଦ୍ଦେଶକଙ୍କ ଶେଷ ମତାମତ ଏବଂ କାର୍ଯ୍ୟକ୍ରମ ସମନ୍ୱୟକଙ୍କ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମକୁ ଶେଷ କରାଯାଇଥିଲା।

## ସୋଆରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୭ ।୧(ସମିସ):ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୋଆର କୁଳାଧିପତି ପ୍ରଫେସର ଡ. ଅମିତ ବାନାର୍ଜୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍, ନିର୍ଦ୍ଦେଶକ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପିସିସି ପକ୍ଷରୁ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୭ ।୧(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ। କାର୍ଯ୍ୟକ୍ରମକୁ ସେବାଦଳ ପକ୍ଷରୁ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହିଥିଲେ।

## ପତାକା ଉତ୍ତୋଳନ କଲେ ଜୟଦେବ ବିଧାୟକ



ହଂସପାଳ, ୨୭।୧(ସମିସ): ଗଣତନ୍ତ୍ର ଦିବସ ଅବସରରେ ଗଡ଼ ଶ୍ରୀରାମପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଛନ୍ତି ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ। ଏଥିରେ ଜୟଦେବର ବ୍ଲକ ଅଧ୍ୟକ୍ଷା, ଉପଧ୍ୟକ୍ଷା, ବିଜେଡି ସଭାପତି, ପଞ୍ଚାୟତ ସଭାପତି, ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ପରେ ବାଲିଅନ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଧାୟକ ପହଞ୍ଚି ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପଧ୍ୟକ୍ଷା ଇତିଶ୍ରୀ ଜେନା, ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣି, ଛାତ୍ର ସଭାପତି ବ୍ରହ୍ମଲାଭ ହରିଚନ୍ଦନ, ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ଉପସ୍ଥିତ ଥିଲେ।

# ସତ୍ୟଚେତନା ଅନ୍ତର୍ଜାତୀୟ ଆଧ୍ୟାତ୍ମିକ ଆନ୍ଦୋଳନର ରୌପ୍ୟଜୟନ୍ତୀ ସମାରୋହ



ଭୁବନେଶ୍ୱର, ୨୭।୧(ସମିସ): ଅନ୍ତର୍ଜାତୀୟ ସତ୍ୟଚେତନା ଆଧ୍ୟାତ୍ମିକ ଟ୍ରଷ୍ଟର ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧମନ୍ଦିରଠାରେ ସତ୍ୟଚେତନା ଆଧ୍ୟାତ୍ମିକ ଆନ୍ଦୋଳନର ରୌପ୍ୟଜୟନ୍ତୀ ସମାରୋହ ଏବଂ ଜ୍ୟୋତ୍ସ୍ନା ମା' ସ୍ମାରକୀ ଆଧ୍ୟାତ୍ମିକ ସାହିତ୍ୟ ଲେଖକ ସମ୍ମାନ ଅନୁଷ୍ଠିତ ହୋଇଛି। ମୁଖ୍ୟ ସମ୍ପାଦକ ଡ. ଅସିତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବେଦଯଜ୍ଞ ମିଶନର ଅଧ୍ୟକ୍ଷ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବେଦ ବିଦ୍ୟାଳୟର କୁଳପତି ଡ. ହରିହର କାନୁନଗୋ ଏବଂ ସମ୍ମାନିତ ଅତିଥି ଭାବେ ମ୍ୟାନେଜିଂ ଟ୍ରଷ୍ଟି ସୁଦୀପ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସତ୍ୟଚେତନା ଗ୍ଲୋବାଲ ମିଶନର ନିର୍ଦ୍ଦେଶିକା ବିଷ୍ଣୁପ୍ରିୟାଜୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ବିଷ୍ଣୁ ଦାସଜୀ ଏବଂ ସତ୍ୟଚେତନା ଗ୍ଲୋବାଲ ମିଶନର ସଂଯୋଜିକା ତୁଳସୀଜୀ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅତିଥିମାନେ 'ସତ୍ୟଚେତନା'ର ଫେବୃଆରୀ ସଂଖ୍ୟା ଉନ୍ମୋଚନ କରିଥିଲେ। ଅପର୍ଣ୍ଣା ମିଶ୍ର ଓ ସ୍ମିତରଞ୍ଜନ ଷଡ଼ଙ୍ଗୀଙ୍କୁ 'ଜ୍ୟୋତ୍ସ୍ନା ମା' ସ୍ମାରକୀ ଆଧ୍ୟାତ୍ମିକ ସାହିତ୍ୟ ଲେଖକ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସୁଦାମବନ୍ଧୁ ଭଟ୍ଟମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସତ୍ୟଚେତନା ଟ୍ରଷ୍ଟର ନିର୍ଦ୍ଦେଶକ ଧନେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ଡା. କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ 'ବିଦଗ୍ଧକବି ଅଭିମନ୍ୟୁ ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୨୭ ।୧(ସମିସ): ସାହିତ୍ୟ ଅନୁଷ୍ଠାନ 'ବିଦଗ୍ଧକବି ଅଭିମନ୍ୟୁ ସ୍ମୃତିସଂସଦ' ପକ୍ଷରୁ ରୀତିଯୁଗର ଶେଷକାଳୀନ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୬ତମ ଜୟନ୍ତୀ ସହିତ ସଂସଦର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି। ପ୍ରାକ୍ତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ କବି ହରପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଭଞ୍ଜଭାରତୀର ସଭାପତି ଡା. କୃଷ୍ଣକେଶବ ଷଡଙ୍ଗୀ ଯୋଗ ଦେଇ ଆଲୋଚନା କରିଥିଲେ। ଏହି ଅବସରରେ ଡା. କୃଷ୍ଣକେଶବ ଷଡଙ୍ଗୀଙ୍କୁ 'ବିଦଗ୍ଧକବି ଅଭିମନ୍ୟୁ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ସଂସଦର ସ୍ମରଣିକା ଓ ଦିନପଞ୍ଜିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ସାରସ୍ୱତ ଗବେଷକ ଡ. ହରିହର କାନୁନ୍‌ଗୋ, ଡ. ଭାଗବତ ଶୁକ୍ଳ, ଡ. ବ୍ରଜବନ୍ଧୁ ପଣ୍ଡା, ସମାଜସେବିକା ଲୋପାମୁଦ୍ରା ଷଡଙ୍ଗୀ, ଶ୍ୟାମସୁନ୍ଦର ଜାଲ, ଗବେଷିକା ପ୍ରଶ୍ମାକୁମାରୀ ଜେନା ତଥା ସଂସ୍କୃତି ସଂଗଠକ ଡ. ଅଶୋକକୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଖତୁଚରଣ ବିଶ୍ୱାଳ ବିବରଣୀ ପାଠ କରିଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ଡକ୍ଟର ସର୍ବେଶ୍ୱର



ବୈଠାରୁ ଓ ସାଥି। ପ୍ରାରମ୍ଭରେ ସ୍ମୃତିସଂସଦର ଉପସଭାପତି ନିରଞ୍ଜନ ଜେନା ସ୍ୱାଗତଭାଷଣ ଦେଇଥିବା ବେଳେ ଅନ୍ୟତମ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଘ ମେଳାରେ ସେବା ଶିବିର

ଭୁବନେଶ୍ୱର, ୨୭।୧(ସମିସ): ଖଣ୍ଡଗିରିଠାରେ ଅନୁଷ୍ଠିତ ମାଘ ମେଳାରେ ଓଡ଼ିଶା ରାଜ୍ୟ ସ୍କାଉଟ ଆଣ୍ଡ ଗାଇଡ୍ ତରଫରୁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମ୍ୟୁନିସିପାଲିଟି କମିସନର ଚଞ୍ଚଳ ରଣା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କମିସନର ରାକେଶ କୁମାର ପାତ୍ର, ଆଡିସନାଲ କମିସନର ରତ୍ନାକର ସାହୁ, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, କୈଳାଶ ଦାସ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ୧୦୦ ଜଣ ସ୍କାଉଟ ଓ ରୋଭର୍ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦିନ ମାନଙ୍କରେ ପ୍ରତାପ ଶାସନ ଗାର୍ଲ୍ସ ହାଇସ୍କୁଲର ଗାଇଡ୍, ଟାଇମସ ଗୁରୁକୁଳର ସ୍କାଉଟ ଓ ଗାଇଡ୍, ଘାଟିକିଆ ଶିଶୁ ମନ୍ଦିର ସ୍କାଉଟ୍ ଓ ଗାଇଡ, ଧର୍ମବିହର ଶିଶୁ ମନ୍ଦିର ସ୍କାଉଟ ଓ ଗାଇଡ ଓ

# ଡ. କାହ୍ନୁଚରଣଙ୍କୁ 'ଡ. ନଗେନ୍ଦ୍ରନାଥ ପ୍ରଧାନ ସ୍ମୃତି ସମ୍ମାନ'



ଭୁବନେଶ୍ୱର, ୨୭ ।୧(ସମିସ): ଶିକ୍ଷାବିତ୍ ସ୍ୱର୍ଗତଃ ପ୍ରଫେସର ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ସ୍ମୃତିସଭା ପାଳିତ ହୋଇଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ପରିଷଦର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ସୁଦର୍ଶନ ନାୟକ(ଆଇଏଏସ), ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ପରିଷଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀଙ୍କୁ ଅଷ୍ଟମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଡ. ପାଢ଼ୀ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ଏହି ଅବସରରେ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହେବା ସହ ପରିଷଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ସଂଯୋଜନାରେ 'ଓଡିଆ ସାହିତ୍ୟରେ ଆତ୍ମବୋଧରୁ ବିଶ୍ୱବୋଧ' ଶୀର୍ଷକ ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମିରଟସ ଡ. ରଘୁନାଥ ପଣ୍ଡା, ଡ. କାହ୍ନୁଚରଣ ପାଢ଼ୀ ଓ ଅଧ୍ୟାପକ କରୁଣାକର ପାଟଶାଣୀ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ନିରୋଦ କୁମାର ମନ୍ତ୍ରୀ ପରିଚାଳନା କରିଥିବା ବେଳେ ଡ. ଅଭିଷେକ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।





# ଗଳି ଗଳିରେ ଉଡ଼ିଲା ତ୍ରିରଙ୍ଗା

## କେ-୪ କଳିଙ୍ଗନଗର



ଭୁବନେଶ୍ୱର, ୨୭ ।୧(ସମିସ): କେ ୪ କଳିଙ୍ଗନଗର ଆବାସିକ ଉନ୍ନୟନ କଲ୍ୟାଣ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅସବରରେ ସଭାପତି ମହେଶ୍ୱର ସାହୁଙ୍କ ଆନୁକୂଲ୍ୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

## 'ରମାଦେବୀ'ରେ ମହିଳା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୨୭ ।୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସାଧାରଣନ୍ତ୍ର ଦିବସ ପାଳିତ ହୋଇଛି । ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ରମାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସାଧାରଣନ୍ତ୍ର ଦିବସ ଉତ୍ସବରେ ପ୍ରାଧ୍ୟାପକ ଡ. ମାନସ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଡ. ଗୋପାଳ କୃଷ୍ଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣତନ୍ତ୍ର ଉତ୍ସବରେ ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଧଉଳି ଚାରୁକଳା ମହାବିଦ୍ୟାଳୟ



ଭୁବନେଶ୍ୱର, ୨୭।୧(ସମିସ): ଶାନ୍ତିସ୍ତୂପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ଉତ୍ସବରେ କଲେଜର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ. ହୃଷିକେଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଗାନ ପ୍ରତିଯୋଗିତା ହୋଇଥିଲା । ଦିବସ ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତିଭୂଷଣ ପଣ୍ଡା, ସୋଫିୟା ୟାସ୍ମିନ୍, ଲକ୍ଷ୍ମୀଧର ସ୍ୱାଇଁ, ବସନ୍ତ ପ୍ରଧାନ ଯୋଗ ଦେଇଥିଲେ । - ସମ୍ପୂର୍ଣ୍ଣା

## ଲୋକଭବନ



ଭୁବନେଶ୍ୱର, ୨୭।୧(ସମିସ): ଲୋକଭବନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସକାଳେ ରାଜ୍ୟପାଳଙ୍କ କମିସନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସଲାମି ପ୍ରଦାନ କରାଯାଇଥିଲା ।

## ସିପିଆଇ କାର୍ଯ୍ୟାଳୟ

ଭୁବନେଶ୍ୱର, ୨୭ ।୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରେର ଭଗବତୀ ଭବନ ପ୍ରାଙ୍ଗଣରେ ସିପିଆଇର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ସମାରୋହରେ ସିପିଆଇର ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ଜୟନ୍ତ ଦାସ, ରାଜ୍ୟ କଣ୍ଟ୍ରୋଲ କମିଶନ ଚେୟାରମ୍ୟାନ ବସନ୍ତ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ ।

## ଏଆଇଟିୟୁସି

ଭୁବନେଶ୍ୱର, ୨୭ ।୧(ସମିସ) ଏଆଇଟିୟୁସି ପକ୍ଷରୁ ରାଜ୍ୟ ଅଫିସ ସମେତ ରାଜଧାନୀର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏଆଇଟିୟୁସିର ରାଜ୍ୟ ଅଫିସ୍‌ଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଉତ୍ସବରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଜାତୀୟ ପତାକା ଉତ୍ତୋଳନ କରି ଦେଶର ସମ୍ବିଧାନକୁ ରକ୍ଷା କରିବା ପାଇଁ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବା ସକାଶେ ଆହ୍ୱାନ ଜଣାଇଥିଲେ ।

## ଜାମୁତୋଟା ଶିଶୁ ବିଦ୍ୟା ମନ୍ଦିର

ବାଲିଅନ୍ତା, ୨୭ ।୧(ସମିସ): ବାଲକାଟି ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ




ଡ଼. ରଜନୀ ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସମ୍ପାଦକ ଚୈତନ୍ୟ ସାହୁ, ସଭାପତି ସଙ୍କର ସହୁ, ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂହ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଜାତୀୟ ଚେତନା

ଭୁବନେଶ୍ୱର, ୨୭।୧(ସମିସ): ସାପ୍ତାହିକୀ ସମ୍ବାଦ ପତ୍ର ଜାତୀୟ ଚେତନାର ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏହି ଅବସରରେ ସମ୍ପାଦକ ତପନ ବିହାରୀ ଭଞ୍ଜ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌର ଚନ୍ଦ୍ର ମହାପାତ୍ର, ସୌଭାଗ୍ୟ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରେଳବାଇ ପୋଟର୍ସ ୟୁନିୟନ

ଇଷ୍ଟକୋଷ୍ଟ ରେଳବାଇ ପୋଟର୍ସ ୟୁନିୟନ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନା ଜାତୀୟ ପତାକା ଉତ୍ତୋଳନ କରି ଭାରତର ସମ୍ବିଧାନ ଓ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ସାହୁ, ଶିବ ଚରଣ ବେହେରା, ଗନ୍ଧର୍ବ ବେହେରା ଓ ବି. ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀ ଅଟୋ ଚାଳକ ସଂଘ

ରାଜଧାନୀ ଅଟୋ ଚାଳକ ସଂଘ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ସାଧାରଣତନ୍ତ୍ର ଦିବସର ଆୟୋଜନ କରାଯାଇଥିଲା । ଏଥିରେ ରାଜଧାନୀ ଅଟୋ ଚାଳକ ସଂଘର ସଭାପତି ସୁର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଉତ୍ସବରେ ରାଧାକାନ୍ତ ଶତପଥୀ, ଦୀପକ ମହାପାତ୍ର, ବିଶ୍ୱନାଥ ମହାନ୍ତି, ଦୀପକ ବାରିକ ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଠା ଦୋକାନୀ ବ୍ୟବସାୟୀ ଓ ଅଟୋଚାଳକ ସଂଘ

ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ଓ ରାଜଧାନୀ ଅଟୋ ଚାଳକ ସଂଘ ପକ୍ଷରୁ ମିଳିତ ଭାବେ ଅଶୋକନଗରଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ସଂଘର ସଭାପତି ସୁର ଜେନା ପତାକା ଉତ୍ତୋଳନ କରିଥିଲେ ଏବଂ ଦେବ ସାହୁ, ସନ୍ତୋଷନାୟକ, ଅର୍ଜୁନସେଠୀଓଚିତ୍ରସେନବେହେରାପ୍ରମୁଖଉପସ୍ଥିତଥିଲେ ।

## ବସ୍ତି ଉନ୍ନୟନ ମହାସଂଘ ଓ ଫାୟାର ଷ୍ଟେସନ ଅଟୋ ଚାଳକ ସଂଘ

ନିଖିଳ ଓଡ଼ିଶା ବସ୍ତି ଉନ୍ନୟନ ମହାସଂଘ ପକ୍ଷରୁ ନୀଳକଣ୍ଠ ନଗର ମୁଣ୍ଡା ବସ୍ତିଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ସୁର ଜେନା ପତାକା ଉତ୍ତୋଳନ କରି ଶ୍ରମିକ ବିରୋଧୀ ଶ୍ରମ ଆଇନ ଓ ୪ କଳା ଶ୍ରମ କୋଡ୍ ବାତିଲ କରିବା ସହିତ ଏନଆରଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ବିରୁଦ୍ଧରେ ବସ୍ତିବାସିନ୍ଦାମାନେ ସଂଗଠିତ ହେବା ସହ ବସ୍ତି ଉଚ୍ଛେଦ ବିରୋଧରେ ସଂଗ୍ରାମ ଚଳାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୁଧିଆ ଦାସ, ଡାକ ହେମ୍ବ୍ରମ୍ ଓ ନାନିକା ମୁଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ ।

## କଳିଙ୍ଗବିହାର କେ-୬ ଗୃହ ମାଲିକ କଲ୍ୟାଣ ସଂଘର ଦ୍ୱିତୀୟ ବାର୍ଷିକୋତ୍ସବ

ଭୁବନେଶ୍ୱର, ୨୭ ।୧(ସମିସ): କଳିଙ୍ଗବିହାର ସ୍ଥିତ କେ-୬ ଗୃହ ମାଲିକ କଲ୍ୟାଣ ସଂଘର ଦ୍ୱିତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । କେ-୬ ସ୍ଥିତ ଖେଳପଡ଼ିଆଠାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଆଇଓଏଫଏସ ସୁନୀଲ କୁମାର ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ 'ତୀର ତରଙ୍ଗ'ର ସମ୍ପାଦିକା ବନ୍ଦନା ମିଶ୍ର ଯୋଗଦେଇ ସଂଘର ଉନ୍ନତିମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଶେଷ କରି ବିଶିଷ୍ଟ କଣ୍ଠଶିଳ୍ପୀ ତାନସେନ ସିଂଙ୍କ ସଙ୍ଗୀତ ମୂର୍ଚ୍ଛନା ଶ୍ରୋତାମାନଙ୍କୁ ବିଭୋର କରିଥିଲା ।

## ଛାତ୍ରଛାତ୍ରୀଙ୍କୁ ପାଇଁ ବିଜୁଳି ଓ ସାପ କାମୁଡ଼ା ସତର୍କତା ଶିବିର

ବାଲିପାଟଣା, ୨୭।୧ (ସମିସ) : ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆଜି ଅଭୟମୁଖି ଓ ଧନହରା ପ୍ରାଥମିକ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀଙ୍କୁ ବିଜୁଳି ଓ ସାପକାମୁଡ଼ାରୁ ରକ୍ଷା ପାଇବା ପାଇଁ ସତର୍କତା ସମ୍ପର୍କରେ ଶିକ୍ଷା ଦିଆଯାଇଛି । ଅଗ୍ନିଶମ ବିଭାଗର ଅଧିକାରୀ ଜ୍ୟୋତିପ୍ରକାଶ ରଥ ସାଧନ କର୍ମୀ ଭାବେ ଯୋଗଦେଇ ବର୍ଷା ସମୟରେ ବିଜୁଳି ଆଘାତରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ମାନ ବତାଇବା ସହିତ ସାପକାମୁଡା ବ୍ୟକ୍ତି ଭୟମୁକ୍ତ ହୋଇ ପରିସ୍ଥିତିକୁ ସାମନା କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷକ ବଳରାମ ପଣ୍ଡାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ସିଆର୍‌ସିସି ଝୁନି ଦେଇ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ।

## ଯୁଧିଷ୍ଠିର ଥିଏଟର ଗ୍ରୁପର ବାର୍ଷିକ ବୈଠକ

ଭୁବନେଶ୍ୱର, ୨୭।୧(ସମିସ): ଯୁଧିଷ୍ଠିର ଥିଏଟର ଗ୍ରୁପର ଦ୍ୱିତୀୟ ବାର୍ଷିକ ବୈଠକ ଧଉଳିରେ ପାଳିତ ହେଇଛି । ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ଥିଏଟର ଗ୍ରୁପର ଉପଦେଷ୍ଟା ପ୍ରିୟବ୍ରତ ସାମନ୍ତରାୟ ଯୋଗଦେଇଥିବା ବେଳେ ସମ୍ପାଦକ ପ୍ରଦୀପ କୁମାର ପାଇକରାୟ, ନାଟ୍ୟ ନିର୍ଦ୍ଦେଶକ ଦେବାନନ୍ଦ ନାୟକ ସୋନୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ, ଅଭିନେତା ଅନ୍ତର୍ଯାମୀ ପଣ୍ଡାଙ୍କ ସହିତ ଯୁଧିଷ୍ଠିର ଥିଏଟରର କଳାକାର ସୁକାନ୍ତ ପାତ୍ର, ସନ୍ତୋଷ ପଟ୍ଟନାୟକ, ବିରଞ୍ଚି କୁମାର ଦାଶ, ବୃନ୍ଦାବନ ପରିଡ଼ା, ତରନଜୀତ ଖାନ୍ନା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରୁପର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା ।

## ଓଡ଼ିଶା ଉଦ୍ୟୋଗୀ ପରିବାରର ପଞ୍ଚମ ସ୍ୱନକ୍ଷତ୍ର

ଭୁବନେଶ୍ୱର, ୨୭ ।୧(ସମିସ): ଓଡ଼ିଶା ଉଦ୍ୟୋଗୀ ପରିବାରର ପଞ୍ଚମ ସ୍ୱନକ୍ଷତ୍ର ଓ ଉଦ୍ୟୋଗୀଙ୍କ ସମ୍ପର୍କରେ ଆଲୋଚନା ମଙ୍ଗଳବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିବ ନାରାୟଣ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ ଭବାନନ୍ଦ ଦାସ, ସୌକିନ୍ ମାଟ୍ରେସ ମୁଖ୍ୟ ସରୋଜ କୁମାର ପାତ୍ର, ଲମ୍ବୋଧର ମହାରଣା, ସଦାଶିବ ମିଶ୍ର ଯୋଗଦେଇଥିଲେ । ଏହି ଅବସରରେ ଅଭିଜିତ୍ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଉଦ୍ୟୋଗୀ ନୀଳୟକାନ୍ତ ନାୟକ, ସିଇଓ ବିଜୟ ସାହୁ, ଅମୀୟ ମିଶ୍ର, ସୀତାଂଶୁ ଶେଖର ମହାରଣା, ମନୋରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ବିତରଣ

ଭୁବନେଶ୍ୱର, ୨୭ ।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ 'ୟୁଏସଆଇ ଫାଉଣ୍ଡେସନ' ପକ୍ଷରୁ ସତ୍ୟନଗରସ୍ଥିତ ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ବିତରଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ମ୍ୟାନେଜିଂ ଟ୍ରଷ୍ଟି ଡ. ରଶ୍ମିରେଖା ସାହୁ, ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ, ସଦସ୍ୟ ସତ୍ୟାନନ୍ଦ ନାୟକ ବ୍ୟାଗ୍ ବିତରଣ କରିଥିଲେ । ଉତ୍କଳ ଦୃଷ୍ଟିହୀନ ସଂଘର ସାଧାରଣ ସମ୍ପାଦକ ଶରତ କୁମାର ଦାସ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତୁଳବାଳା ଦାସ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବାଲିପାଟଣା, ୨୭।୧(ସମିସ): ଆଳିସି ଶାସନ ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ପୂର୍ବାହ୍ଣରେ ଜିଲ୍ଲାପାଳ ଅମୃତ ଋତୁରାଜ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଆଜି ପ୍ରାୟ ୭୦ରୁ ଅଧିକ ସାଧାରଣ ଓ ବ୍ୟକ୍ତିଗତ ଅଭିଯୋଗ ଆସିଥିଲା ।ଗୃହ ନିର୍ମାଣ, ଭତ୍ତା, ଭୂମିହୀନଙ୍କ ଅଭିଯୋଗ ବିଚାର ପାଇଁ ଗ୍ରହଣ କରି ଜିଲ୍ଲାପାଳ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଚାଷ ବହୁଳ ଏହି ଅଞ୍ଚଳର ବହୁ ଚାଷୀ, ଶିବିରରେ ଉପସ୍ଥିତ ହୋଇ ଫସଲ



ନଷ୍ଟ କରୁଥିବା ଷଣ୍ଢଙ୍କୁ ତୁରନ୍ତ ଗୋଶାଳା କରି ଥଇଥାନ କରିବାକୁ ଜିଲ୍ଲାପାଳଙ୍କ ଠାରେ ଦାବି କରିଥିଲେ । ଜିଲ୍ଲାପାଳ ଏହାଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ତଥା ବ୍ଲକସ୍ତରର ସମସ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସ, ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ପ୍ରମୁଖ ଉପସ୍ଥିତ ଥଲେ । ପଞ୍ଚାୟତର ସରପଞ୍ଚ ସୁଶାନ୍ତ ବଳିଆ, ସମିତି ସଭ୍ୟ ତପସ୍ୱିନୀ ନାୟକ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ୱାର୍ଡ଼ ସଭ୍ୟ ଉପସ୍ଥିତ ଥିଲେ ।

## ଦେଶାତ୍ମବୋଧ ସଙ୍ଗୀତ ଉତ୍ସବ 'ଭାରତୀୟମ୍'

● ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ କଣ୍ଠଶିଳ୍ପୀ

ଭୁବନେଶ୍ୱର, ୨୭।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ ହୋଇଛି । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ନାଜିଆ ଆଲାମ୍, ସୁଧାକର ମିଶ୍ର, କାର୍ତ୍ତିକ ସାହୁ, ଶିଉଳି ଘୋଷ, ବିରଜା ରଥ, ସଂଗ୍ରାମ ମହାନ୍ତି, ସୌରଭ ସାହୁ, କୁମାର ଦିଲ୍ଲୀପ ପ୍ରମୁଖ କଣ୍ଠଶିଳ୍ପୀମାନେ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀକୁ ଆଧାର କରି ନିର୍ମିତ ହୋଇଥିବା ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା । ଏଥିସହ ରବୀନ୍ଦ୍ର ମଣ୍ଡପ ଠାରେ 'ଭାରତୀୟମ୍' ବାଲୁକା ଚିତ୍ରକଳା ସହ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇଥିଲା । ଏହି ଅବସରରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ଉପସ୍ଥିତ ଥିଲେ ।

## ଆଦିକବି ଶାରଳା ଦାସଙ୍କ ପୁଣ୍ୟତିଥି

ଭୁବନେଶ୍ୱର, ୨୭।୧(ସମିସ): ଶୂଦ୍ରମୁନି ଆଦିକବି ଶାରଳା ଦାସଙ୍କ ପୁଣ୍ୟତିଥି ଅବସରରେ ଆଦିକବି ସାରଳା ଦାସ ବିକାଶ ପରିଷଦ ପକ୍ଷରୁ ସାରସ୍ୱତ ସମାରୋହ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଛି । ଚିକିତ୍ସକ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପର୍ଶୁରାମ ଦ୍ୱିବେଦୀ, ମୁଖ୍ୟ ଅତିଥି ଭାବେ ବରିଷ୍ଠ ଲେଖକ ମନୋଜ କୁମାର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଜଗବନ୍ଧୁ ମିଶ୍ର ଯୋଗ ଦେଇଥିଲେ । ସଭା ଆରମ୍ଭରେ ସମ୍ପାଦକ ସୁକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆବାହକ ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମାଜସେବା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସଭାରେ ଇଂ. ଭକ୍ତିରଞ୍ଜନ ମହାନ୍ତି, ଅକ୍ଷୟ ପରିଜା ଏବଂ ସାରଦା ଚରଣ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା ।

## ଉତ୍ତରପୁରୁଷ ନାଟକ ଉତ୍ସବର ଉଦଘାଟନୀ ନାଟକ 'ଅଦୃଷ୍ଟ'

ଭୁବନେଶ୍ୱର, ୨୭ ।୧(ସମିସ): ଉତ୍ତରପୁରୁଷ ପକ୍ଷରୁ ବାର୍ଷିକ ନାଟକ ପରିକ୍ରମାର ପ୍ରଥମ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ଅଦୃଷ୍ଟ' । ଏହି ନାଟକର ନିର୍ଦ୍ଦେଶନା ଡ଼. ଚକ୍ରଧର ପାତ୍ର ଦେଇଥିବା ବେଳେ ରଚନାରେ ଅବିନାଶ ନାୟକ ଓ ସଙ୍ଗୀତରେ କୈଳାସ ସେନାପତି ରହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାର ଧିର ମଲ୍ଲିକ, ନାଟ୍ୟକାର ରମାକାନ୍ତ ମିଶ୍ର, ଓୟୁଏଟି କୃଷି ମହାବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ତଥା ନାଟକର ଯୁବ ନାଟ୍ୟକାର ବିନାଶ ନାୟକ, ସଂସ୍ଥାର ସଭାପତି ପ୍ରସନ୍ନ କୁମାର ମିଶ୍ର ଉପସ୍ଥିତ ଥିଲେ । ସମ୍ପାଦକ ଦେବଦତ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥଲେ ।

## ଓଡ଼ିଆ ସିନେମା 'ଶିକାର'ର ଶୁଭ ମହୁରତ୍




ଭୁବନେଶ୍ୱର, ୨୭ ।୧(ସମିସ): ପ୍ରଯୋଜକ ସଚ୍ଚିକାନ୍ତ ଜେନାଙ୍କ ପ୍ରଯୋଜନାରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶିକାର'ର ଶୁଭ ମହୁରତ ନୟାପଲ୍ଲୀସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମୁନ୍ ଟିଭି ମ୍ୟୁଜିକ୍ ଏବଂ ପ୍ରକାଶ ବେହେରା ଫିଲ୍ମସ ବ୍ୟାନରରେ ତଥା ସିଦ୍ଧାର୍ଥ ମ୍ୟୁଜିକ ସହଯୋଗିତାରେ ଶିକାର ନିର୍ମାଣ ହେବାକୁ ଯାଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଚଳିତ ରଜରେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଫିଲ୍ମର ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରକାଶ ଫିଲମ୍ସ ବିତରକ ପ୍ରଶାନ୍ତ ବେହେରା, ସିନେ ପ୍ରଯୋଜକ ଯୁଗଳ ଦେବତା, ପ୍ରମୋଦ ସ୍ୱାଇଁ, ଜୁବୁଲି ସୁନ୍ଦରାୟ, ଶ୍ରୀଧର ମାର୍ଥା, ରମେଶ ବାରିକ, ଅତୀଶ ରାଉତ, ଶ୍ୟାମା ପ୍ରସାଦ ମିଶ୍ର, ନିର୍ଦ୍ଦେଶକ ମୃତ୍ୟଞ୍ଜୟ ସାହୁ, ବରିଷ୍ଠ କଳାକାର ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଶାନ୍ତ ପାତ୍ର, ଅଭିନେତା ଅମ୍ଲାନ ଦାସ, ଏଲିନା ସାମନ୍ତରାୟ, ଅଙ୍କିତ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ



ହଂସପାଳ, ୨୭।୧(ସମିସ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ୭୭ ତମ ଗଣତନ୍ତ ଦିବସ ପାଳନ ଅବସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବରିଷ୍ଠ ସଭ୍ୟ ଡମ୍ବରୁଧର ଜେନା ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ସାଲେପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଶ୍ରୀପତି ନାୟକ, ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଗୁରୁମା ମମତା ସାମଲ, ସୋନାଲି ପ୍ରଧାନ, ମଧୁସ୍ମିତା ରାୟ, ସଂଯୁକ୍ତା ରାଉତରାୟ, ନିର୍ମିତା ଲେଙ୍କା, ନମିତା ବେହେରା, ସୁଲୋଚନା ମହାନ୍ତି, ଗୋକୁଳାନନ୍ଦ ରଥ, ବିଜୟାନନ୍ଦ ମହାକୁଡ଼, ଗୋପିନାଥ ଖୁଣ୍ଟିଆ, ଜ୍ୟୋତି ଲକ୍ଷ୍ମୀ ଓଝା, ସୌଭାଗିନି ସାହୁ, ପ୍ରଭାସିନୀ ମହାନ୍ତି ଯୋଗ ଦେଇଥିଲେ । ଶେଷରେ ହରପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ ।